## ପ୍ରତି ପଞ୍ଚାୟତରେ 'ଆମ ବ୍ୟାଙ୍କ' ସେବା

# ଘର ପାଖରେ ବ୍ୟାଙ୍କ ସେବା ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ

ସମ୍ବଲପୁର, ୨।୪(ସମିସ)

ପ୍ରତି ଗ୍ରାମ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବା ତଥା ବୃଦ୍ଧ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମଙ୍କ ପାଇଁ ଡୋର୍‌ଷ୍ଟେପ୍ ବ୍ୟାଙ୍କସେବା ସକାଶେ ରାଜ୍ୟ ସରକାର 'ଆମ ବ୍ୟାଙ୍କ' ଯୋଜନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସମ୍ବଲପୁର ଜିଲ୍ଲାରେ ୪୭ଟି ବ୍ୟାଙ୍କ ଶାଖା ଆରମ୍ଭ ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ପ୍ରୋଗ୍ରାମ ମ୍ୟାନେଜର ବିକାଶ ମହାନ୍ତି ତଥା ବିଭିନ୍ନ ବ୍ୟାଙ୍କ ଅଧିକାରୀମାନେ ଶାଖା ଖୋଲିବାରେ ପ୍ରତ୍ୟକ୍ଷ ଭାବେ ସମୀକ୍ଷା କରୁଛନ୍ତି। ପଞ୍ଚାୟତରେ ସରପଞ୍ଚମାନେ ସହଯୋଗ କରୁଛନ୍ତି। ଜିଲ୍ଲାର ବାମରା ବ୍ଲକର ବାଉଁଶଲଗା, ଲରିଆପାଲି ଓ ମହୁଲପାଲି, ଜମନକିରା ବ୍ଲକର ମୁଣ୍ଡେନପାଲି, କୁଚିଣ୍ଡା ବ୍ଲକର ଅର୍ଡାବାହାଲ-୧, ବାଉରିଗୁଡ଼ା, ଚନ୍ଦନିମାଲ, ହାଡ଼ିପାଲି, ଖଣ୍ଡୋକଟା, କୁଟୁରୁଚୂଆଁ, ପରୁଆଭାଡ଼ି, ସାଲେଭାଡ଼ି ଓ ତେଲିତିଲେଇମାଲ, ମାନେଶ୍ୱର ବ୍ଲକର ଡକରା, ରେଙ୍ଗାଲି ବ୍ଲକର ରେଙ୍ଗାଲୋଇ, ଜମନକିରା ବ୍ଲକର ମହଦା, ସର୍ଡା, ଚକୁଲିଆବାହାଲ, ଡୁଡ଼ିପାଲି ଓ ଖର୍ସନମାଲ, ନାକଟିଦେଉଳ ବ୍ଲକର ଘୋ ଘୋଷରାମାଲ, ଗିରିଶ୍ଚନ୍ଦ୍ରପୁର ଓ




ପାନିମୁରା ଏବଂ ରେଙ୍ଗାଲି ବ୍ଲକର ଝାଙ୍କରପାଲି ପଞ୍ଚାୟତରେ ବ୍ୟାଙ୍କସେବା ଆରମ୍ଭ ହୋଇଛି। ଏହି ପଞ୍ଚାୟତଗୁଡ଼ିକରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ୟୁନିଅନ ବ୍ୟାଙ୍କ ଭଳି ବ୍ୟାଙ୍କ ଗୁଡିକର ଶାଖାଗୁଡ଼ିକ ଖୋଲାଯାଇଛି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରରେ 'ବ୍ୟାଙ୍କସେବା' ଆରମ୍ଭ ହୋଇଥିଲା। ଜିଲ୍ଲାର ୨୨ଟି ପଞ୍ଚାୟତରେ ଖୋଲାଯାଇଥିଲା। ଜିଲ୍ଲାରେ ବ୍ୟାଙ୍କ ସୁବିଧା ନଥିବା ପଞ୍ଚାୟତରେ ବ୍ୟାଙ୍କିଙ୍ଗ ଆଉଟଲେଟ୍ ଖୋଲିବା ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଆଦି ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଛନ୍ତି। ରାଜ୍ୟ ସରକାର ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବା ପାଇଁ ନିଃଶୁଳ୍କ ଗୃହ, ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଓ ୩ ବର୍ଷ ପାଇଁ ହେବାକୁ ଥିବା ଆବଶ୍ୟକ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ବ୍ୟାଙ୍କିଙ୍ଗ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ସେବା ପାଇଁ ଏକ ସ୍ଥାୟୀ ବ୍ୟାଙ୍କ ଶାଖାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବ୍ୟାକିଙ୍ଗ୍ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ସେବା ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ଗ୍ରାମ ପଞ୍ଚାୟତରେ ରହୁଥିବା ଲୋକମାନେ ମାଗଣାରେ ପାଇପାରିବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନେ ଦୁଆର ମୁହଁରେ ବ୍ୟାଙ୍କିଙ୍ଗ୍ ସେବା ପାଇବେ।

## କୁଚିଣ୍ଡା ଜନସ୍ୱାସ୍ଥ୍ୟ ବିଭାଗର ଅଜବ ନୀତି

# ସର୍ବସାଧାରଣ ନଳକୂପ ଖୋଲି ଅଙ୍ଗନବାଡ଼ିରେ ଭରିଲେ

**କୁଚିଣ୍ଡା, ୨।୪(ସମିସ):** କୁଚିଣ୍ଡା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁଚିଣ୍ଡା ଏନ୍‌ଏସିରେ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ କୋମଳମତି ଶିଶୁମାନଙ୍କ ପାଇଁ ସରକାର ବିଶୁଦ୍ଧ ପାନୀୟ ଜଳଯୋଗାଣକୁ ଗୁରୁତ୍ୱ ଦେଉଛନ୍ତି। ସରକାର ଅଙ୍ଗନବାଡ଼ିର ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପ୍ରାୟ ୫/୬ ଲକ୍ଷ ଟଙ୍କା ବିନିମୟରେ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରକୁ ପାଇପ୍ ଯୋଗେ ମୋଟର ସଂଯୋଗ କରି ଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ଓଭରହେଡ୍ ଟାଙ୍କିର ବ୍ୟବସ୍ଥା କରିଛନ୍ତି। ତେବେ ଏଠାରେ ସମ୍ପୂର୍ଣ୍ଣ ଓଲଟା ଦେଖାଯାଇଛି। ଲୋକଙ୍କ ସୁବିଧା ପାଇଁ, ପାନୀୟ ଜଳ ପାଇଁ ଖୋଲାଯାଇଥିବା ବୋରିଂର ସବୁକିଛି ଖୋଲିଦେଇ ସେଠାରୁ ଓଭରହେଡ୍ ଟାଙ୍କିକୁ ପାଣି ଯୋଗାଣ ହେଉଛି। ଖୋଲାଯାଇଥିବା ସାମଗ୍ରୀ ସବୁକୁ ଅଙ୍ଗନବାଡ଼ି କେନ୍ଦ୍ରରେ ରଖାଯାଇଛି। ଅତି ଛୋଟ ଛୋଟ ପିଲାଛୁଆ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବାବେଳେ ସେଠାରେ ଏପରି ଲୌହ ସାମଗ୍ରୀ ଗଦାଇବା ପିଲାଙ୍କ ପାଇଁ ବିପଦ ବୋଲି ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ ଅଙ୍ଗନବାଡିର ଓଭରହେଡ ଟାଙ୍କିରୁ ଜନସାଧାରଣଙ୍କ ପାଇଁ ଲଗାଯାଇଥିବା ଟେପ୍‌ରୁ ସର୍ବଦା କପଡ଼ା ଧୋଇବାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିବାରୁ ସକାଳୁ ଅଙ୍ଗନବାଡି ଖୋଲା ହେବାପରେ ଆଉ ପାଣି ନଥାଏ। ପୁଣି ଥରେ ଅଙ୍ଗନବାଡି କର୍ମୀ ମୋଟର ଚଳାଇ ପାଣି ଉପରକୁ ଉଠାଇଥାଏ। ଏପରି ହେବା ଦ୍ୱାରା ବିଦ୍ୟୁତ ବିଲ ଅଯଥାରେ ବଢ଼ିବା ସହ ଅଯଥା କର୍ମୀ ଜଣକ ହଇରାଣ ହେଉଛନ୍ତି। ଏଣୁ ତୁରନ୍ତ ପାଇପ ସଂଯୋଗ ସହ ନଳକୂପର ଉପରି ଭାଗକୁ ପୁଣି ଲଗାଇଲେ ଟାଙ୍କିରୁ ପାଣି ସରିବ ନାହିଁ ଏବଂ ଜନସାଧାରଣ ବି ବୋରିଂର ପାଣି ବ୍ୟବହାର କରିପାରିବେ।





ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନୀଳମାଧବ ନାଗଙ୍କ ସହିତ ଯୋଗାଯୋଗ କରିବାରୁ ମୁଁ ଏ ବିଷୟରେ ଜାଣିନାହିଁ। କାଲି ଆସିଲେ ଦେଖିବି। ଏପରିତ ନହେବା କଥା। ତଥାପି ମୁଁ କାଲି ଦେଖିଲା ପରେ ଖୋଲାଯାଇଥିବା ନଳକୂପକୁ ଲଗାଇ ମୋଟର ସହ ହେଣ୍ଡେଲ ମାରି ଯେମିତି ଲୋକେ ପାଣି ପାଇପାରିବେ ସେନେଇ ଗୁରୁତର ସହ କାମ କରିବି ବୋଲି ପ୍ରକାଶ କରିଥିଲେ।

# ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ଜମନକିରା, ୨।୪(ସମିସ):** ଜମନକିରା ଆଇସିଡିଏସ୍ ବିଭାଗ ପକ୍ଷରୁ ଡିମିରିମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ କର୍ମୀ ନିଯୁକ୍ତିରେ ଅନିୟମିତତା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ପ୍ରଶାସନିକସ୍ତରରେ ଅଭିଯୋଗ କରି ନିରାଶ ହେବାପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଓ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ସମ୍ବଲପୁର ଜିଲ୍ଲାପାଳଙ୍କୁ ନୋଟିସ କରିଛନ୍ତି। ପ୍ରକାଶଯୋଗ୍ୟ, ଜମନକିରା ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୬୦୪, ତା. ୧୬/୬/୨୦୨୨ରେ ଡିମିରିମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ରରେ ନୂତନ କର୍ମୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆବେଦନ କରିବାର ଶେଷ ତାରିଖ ୧/୭/୨୦୨୩ ରହିଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ପରିସରଭୁକ୍ତ ମାଟ୍ରିକ ପାସ୍ ଆଦିବାସୀ ପ୍ରାର୍ଥିନୀମାନେ ଆବେଦନ କରିବେ। ଯାହା ଅନ୍‌ଲାଇନ ମାଧ୍ୟମରେ ସମସ୍ତ ପ୍ରମାଣପତ୍ର ସହ ସତ୍ୟପାଠ ଦାଖଲ କରିବା ପାଇଁ ଉଲ୍ଲେଖ ରହିଥିଲା। ବିଜ୍ଞପ୍ତି ନିର୍ଦ୍ଦେଶବଳି ଅନୁଯାୟୀ ଏହି ପଦବୀ ପାଇଁ ଗ୍ରାମର ୧୧ଜଣ ଜନଜାତି ପ୍ରାର୍ଥିନୀ ଆବେଦନ କରିଥିଲେ। ସେଥିମଧ୍ୟରୁ ହେମଗ୍ରୀ ମାଝୀଙ୍କୁ ମାଟ୍ରିକ୍‌ରେ ଅଧିକ ନମ୍ବର ରଖିଥିବା ଆଧାରରେ ଚୟନ କରି ନିଯୁକ୍ତି ପ୍ରଦାନ କରାଯାଇଛି। ହେଲେ ଅନ୍ୟ ଜଣେ ପ୍ରାର୍ଥିନୀ ମଞ୍ଜୁଳତା ବାଘ ଏହି ଚୟନକୁ ବେଆଇନ କହି ବିରୋଧ କରିଥିଲେ।

### ଜିଲ୍ଲାପାଳଙ୍କୁ ନୋଟିସ୍

ଚୟନରେ ପକ୍ଷପାତିତା ସହ ଅନିୟମିତତା କରାଯାଇଥିବା ଅଭିଯୋଗ କରିଛନ୍ତି। ଆବେଦନ କରିଥିବା ସମସ୍ତ ପ୍ରାର୍ଥିନୀଙ୍କ ଠାରୁ ମଞ୍ଜୁଳତା ମାଟ୍ରିକରେ ଅଧିକ ମାର୍କ ରଖିଥିବା କହିଛନ୍ତି। ସେ ୩୮୪ ମାର୍କ ରଖିଥିବାବେଳେ କେଉଁ ଆଧାରରେ ୩୨୦ମାର୍କ ରଖିଥିବା ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଗଲା ବୋଲି ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ହେମାଗ୍ରୀ ଅନଲାଇନ ଆବେଦନ ବେଳେ ଭୁଲ୍ ତଥ୍ୟ ପ୍ରଦାନ କରିଛନ୍ତି। ଏହି ବେଆଇନ ନିଯୁକ୍ତି ସମ୍ପର୍କରେ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ କିଛି ଶୁଣିନଥିଲେ। ଏ ସମ୍ପର୍କରେ ପର୍ଯ୍ୟାୟ କ୍ରମେ ନିଯୁକ୍ତି ପ୍ରଦାନ କରିଥିବା କୁଚିଣ୍ଡା ଉପଜିଲ୍ଲାପାଳ, ଜିଲ୍ଲା ଶିଶୁ ମହିଳା ବିକାଶ ଅଧିକାରୀ ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ସୀମିତ ରହିଥିଲା। ଅଦ୍ୟାବଧି କୌଣସି ସମାଧାନ ହୋଇପରି ନାହିଁ। ଶେଷରେ ପ୍ରଶାସନିକ ସ୍ତରରେ ଅଭିଯୋଗ କରି ନିରାଶ ହେବା ପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଅଭିଯୋଗକୁ ଗ୍ରହଣ କରି ଆୟୋଗ ଜିଲ୍ଲାପାଳ ସମ୍ବଲପୁରଙ୍କୁ ୫/୨/୨୦୨୪ରେ ନୋଟିସ ପ୍ରଦାନ କରିଥିବା ଜଣାପଡ଼ିଛି। ଏଥିସହିତ ଭୁଲ ତଥ୍ୟ ପ୍ରଦାନ କରିଥିବା ଅଭିଯୋଗ ନେଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଅଭିଯୋଗର ବିଚାର କରି କମିଶନରଙ୍କୁ ଆଦେଶ ଜାରିକରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଡିପିଓ ମମତା ପଟେଲଙ୍କୁ ପଚାରିବାରୁ ମୁଁ ଏବେ ବଦଳି ହୋଇଆସିଛି, ଏ ନେଇ ମୋ ନିକଟରେ କେହି ଅଭିଯୋଗ କରିନାହାଁନ୍ତି। କ'ଣ ହୋଇଛି ବୁଝିବା ବୋଲି କହିଛନ୍ତି।

# ସାପ୍ତାହିକ ବଜାରରୁ ବାଇକ୍ ଚୋରି

**ରେଢ଼ାଖୋଲ, ୨।୪(ସମିସ):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। କେତେବେଳେ ଚାରମାଳ ଥାନାପାଖରେ ଥିବା ଦୋକାନ ଭାଙ୍ଗି ଦୃର୍ବୃତ୍ତମାନେ ଚୋରି କରୁଛନ୍ତି ତ କେତେବେଳେ ମୋବାଇଲ, ସାଇକେଲ ଚୋରି କରୁଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ସାପ୍ତାହିକ ବଜାରରୁ ବାଇକ୍ ଚୋରି ହୋଇଯାଇଛି। ଚାରମାଳ ବାସିନ୍ଦା ବାପୁନା ବାରିକ

### ପୁଲିସ ଅବହେଳା ନେଇ ଅସନ୍ତୋଷ

ସାପ୍ତାହିକ ବଜାରକୁ ପନିପରିବା କିଣିଯାଇଥିବା ବେଳେ ଓଡ଼ି ୧୫ ଏଫ୍ ୫୧୫୫ ନମ୍ବର ବିଶିଷ୍ଟ ବାଇକ୍ ରଖିଥିବା ସ୍ଥାନରେ ବାଇକ୍‌ଟି ଦେଖିବାକୁ ମିଳି ନ ଥିଲା। ସେଠାରୁ ଆସି ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଚାରମାଳ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ସବୁଠାରୁ ବଡ଼କଥା ଚାରମାଳ ସାପ୍ତାହିକ ବଜାରରେ କୌଣସି ପୁଲିସ ହୋମଗାର୍ଡ କାର୍ଯ୍ୟ କରୁ ନଥିବା ଅଭିଯୋଗ ହୋଇଆସୁଛି। ପୁଲିସ୍ ପକ୍ଷରୁ ଠିକ୍ ସମୟରେ ପେଟ୍ରୋଲିଂ କରାଗଲେ ଏହିଭଳି ଚୋରି ହୁଅନ୍ତା ନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

# ବନ୍ଦଘରୁ ଝୁଲନ୍ତା ଶବ ଉଦ୍ଧାର

**ମାନେଶ୍ୱର, ୨।୪(ସମିସ):** ଧମା ଥାନା ସାହାସପୁର ଏନ୍‌ଏମ୍ ସେଣ୍ଟର ନିକଟରେ ଥିବା ଏକ ଘରଭିତରୁ ଆଜି ପୁଲିସ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ସୁଜିତ ସାହୁ (୩୬)। ବେକରେ କପଡ଼ା ଲାଗି ଝୁଲୁଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲା। ପରିବାର ବର୍ଗ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଥିଲା। ସୂଚନାଯୋଗ୍ୟ, କିଛିଦିନ ମୃତ ସୁଜିତଙ୍କ ସ୍ତ୍ରୀ ତାଙ୍କ ଏକମାତ୍ର ଝିଅକୁ ନେଇ ମାଁ ଘରକୁ ଯାଇଥିଲେ। ତାଙ୍କ ବାପା-ମା ମଧ୍ୟ ଅନ୍ୟତ୍ର ଘରେ ରହୁଥିଲେ। ଆଜି ଘରୁ ଦୁର୍ଗନ୍ଧ ବାହାରିବାରୁ ପାଖ ଲୋକ ସନ୍ଦେହରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ କବାଟ ଖୋଲିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇ ଅଧିକ ତଦନ୍ତ କରୁଛି।

## ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶନରେ ଅବହେଳା ଓ ବିଳମ୍ବ

# ଛାତ୍ରଙ୍କୁ ୫ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପରୀକ୍ଷା ଫଳ ପ୍ରକାଶନ ବିଳମ୍ବ ପାଇଁ ଜଣେ ଛାତ୍ରଙ୍କ ୧୦ବର୍ଷ କ୍ୟାରିଅର ନଷ୍ଟ ହୋଇଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୩ମାସ ମଧ୍ୟରେ ସମ୍ପୃକ୍ତ ଆବେଦନକାରୀ ଛାତ୍ରଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଭୁତି ଭୂଷଣ ବାରିକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷାଫଳ ପ୍ରକାଶନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଉତ୍ତରଦାୟିତ୍ୱ ରହିଛି। ଏଥିରେ ଅବହେଳା ତଥା ତ୍ରୁଟି ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ପ୍ରଭାବିତ କରିବ। ଏହି କ୍ଷତିର ଭରଣା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଘରୋଇ ପ୍ରାର୍ଥୀ ଭାବେ ଯୁକ୍ତ ତିନି ବାଣିଜ୍ୟ ପାଠ୍ୟକ୍ରମ ପାଇଁ ବରଗଡ଼ର ଏକ କଲେଜରେ ଥିବା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଦୁଇ ଦୁଇ ଥର ପରୀକ୍ଷା ଦେଇ ମଧ୍ୟ କେତେକ ପେପରରେ ଅନୁପସ୍ଥିତ ଥିବା ଫଳରେ ଉଲ୍ଲେଖ କରାଯାଇ ତାଙ୍କୁ ଫେଲ କରାଯାଇଥିଲା। ୨୦୦୧ରୁ ୨୦୧୧ ମଧ୍ୟରେ ପ୍ରାୟ ଦଶ ବର୍ଷ ଧରି ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ୨୦୧୨ରେ ସେ ଯୁକ୍ତ ତିନି ବାଣିଜ୍ୟ ପାଠ୍ୟକ୍ରମରେ ପାସ୍ କରିଥିବା ନେଇ ବିଶ୍ୱବିଦ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ପାଇଁ ତାଙ୍କ କ୍ୟାରିଅରର ମୂଲ୍ୟବାନ ସମୟ ଅପଚୟ ହୋଇଥିବାରୁ କ୍ଷତିପୂରଣ ପ୍ରାର୍ଥନା କରି ସେ ୨୦୧୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତନ୍ମୟ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ପ୍ରବେଶ ଉତ୍ସବ



**ରେଙ୍ଗାଲି, ୨।୪(ସମିସ):** ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟରେ ଏକ ହୋମଯଜ୍ଞ ହୋଇଥିଲା। ପରେ ମାନସୀ ଗୁରୁମାଙ୍କ ଦ୍ୱାରା ବନ୍ଦନା କାର୍ଯ୍ୟ ହୋଇଥିଲା। ଦଶମ ଶ୍ରେଣୀର ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଜଗଦୀଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ତସିଲ ଗୁରୁଜୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଶିଶୁ ଭାଇଭଉଣୀ ମାନଙ୍କର ପାଠ ପଢ଼ିବା ସହିତ ଆଗାମୀ ଭବିଷ୍ୟତର ଶୁଭ ମନାସି ଥିଲେ। ବାଟିକା ପ୍ରମୁଖ ମମତା ଗୁରୁମା ସଭା ପରିଚାଳନା କରିଥିଲେ। ବୋଧ ଶ୍ରେଣୀର ଭଉଣୀମାନେ 'ମାଆ' ବିଷୟରେ ଏକ ସୁନ୍ଦର ଅଭିନୟ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ ୨୧ଜଣ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ରାଜୀବ କୁମାର ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ସଞ୍ଜୁ ଗୁରୁମା, ସପ୍ନା ଗୁରୁମା, ଶୋଭାଗିନୀ ଗୁରୁମା ସହଯୋଗ କରିଥିଲେ। ଶେଷରେ ମମତା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

# ରେଢ଼ାଖୋଲରେ ଜିଏମ୍‌ୟୁ ଇତିହାସ ବିଭାଗର ସର୍ବେକ୍ଷଣ

**ରେଢ଼ାଖୋଲ, ୨।୪(ସମିସ):** ରେଢ଼ାଖୋଲ ଅଞ୍ଚଳର ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରିଛି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ। ବିଭାଗର ମୁଖ୍ୟ ଡ଼. ଅତୁଲ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଡ଼. ପ୍ରଧାନ ରେଢ଼ାଖୋଲ ଉପଖଣ୍ଡର ବୀଜାଗଡ଼, ଖୋଲଗଡ଼, ପୁରୁଣାଗଡ଼ ଏବଂ ଝଡ଼େଶ୍ୱର ମନ୍ଦିର ଆଦି ପ୍ରମୁଖ ସ୍ଥାନ ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣରୁ ପ୍ରାଚୀନକାଳର ପ୍ରସ୍ତରଯୁଗର ହାତ ନିର୍ମିତ ଅସ୍ତ୍ରଶସ୍ତ୍ର, ମାଟିରେ ନିର୍ମିତ ହାଣ୍ଡିମାଠିଆ ଏବଂ ମାଳି, ସ୍ଥାପତ୍ୟ ଖଣ୍ଡ, ପ୍ରାଚୀନ ଲୁହା ନିର୍ମାଣ କରିବାରେ ବ୍ୟବହୃତ ସାମଗ୍ରୀ ଏବଂ ଲୁହାର ମଳି ପ୍ରଚୁର ମାତ୍ରେରେ ମିଳିଛି। ପ୍ରାଚୀନ ନଗର ଅବଶେଷ ପ୍ରାଚୀନ ପ୍ରସ୍ତର ଏବଂ ଇଟା ଆଦି ସାମଗ୍ରୀ ପ୍ରାପ୍ତ ହୋଇଛି। ଏହି ଅଞ୍ଚଳରେ ପ୍ରବାହିତ କେରାଣ୍ଡି ସୁରୁବାଲି ଜୋର ଏବଂ ଟିକିରା ନଦୀର ଅବବାହିକାରେ ଅନେକ ପ୍ରାଚୀନ ଜନବସତିରେ ଅବଶେଷ ପ୍ରାପ୍ତି ହୋଇଛି। ଏହି ସର୍ବେକ୍ଷଣ କାର୍ଯ୍ୟରେ ରେଢ଼ାଖୋଲ ଅଞ୍ଚଳର ଇତିହାସ ପ୍ରତି ରୁଚି ରଖୁଥିବା ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ ସକ୍ରିୟ ସହଯୋଗ କରିଥିଲେ। ଡ଼. ପ୍ରଧାନଙ୍କ ମତରେ ଏହି ଅଞ୍ଚଳର ଆଦ୍ୟ ମଧ୍ୟଯୁଗ ରୁ ଆରମ୍ଭ କରି ଶେଷ ମଧ୍ୟଯୁଗ ପର୍ଯ୍ୟନ୍ତ ଇତିହାସ ଉପରେ ବିଶେଷ ଗବେଷଣା କରାଯାଇ ନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ସର୍ବକ୍ଷଣ କାର୍ଯ୍ୟ ଚାଲୁଅଛି। ପ୍ରାପ୍ତ ପ୍ରତ୍ୟେକ ଉପାଦାନରୁ ଜଣାପଡୁଛି ଯେ ଏହି ଅଞ୍ଚଳ ଇତିହାସର ପ୍ରତି ଯୁଗରେ ତାହାର ଗାରିମା ପ୍ରକାଶ କରିଛି। କିନ୍ତୁ ଗବେଷଣା ଅଭାବରୁ ତାହା ଲୋକଲୋଚନକୁ ଆସିପାରି ନାହିଁ। ତେଣୁ ଏହି ଅନାଲୋଚିତ ତଥ୍ୟକୁ ଇତିହାସରେ ସ୍ଥାନ ଦେବା ଏହି ସର୍ବେକ୍ଷଣ କାର୍ଯ୍ୟର ମୁଖ୍ୟ ଲକ୍ଷ୍ୟ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।

# ଜଗନ୍ନାଥ ମନ୍ଦିରର ସ୍ୱନକ୍ଷତ୍ର ଉତ୍ସବ

**ପଢ଼ିଆବାହାଲ, ୨।୪(ସମିସ):** ଯୁଯୁମୁରା ବ୍ଲକ ଡଙ୍ଗରପଡ଼ାଠାରେ ଥିବା ଜଗନ୍ନାଥ ମନ୍ଦିରର ୭ମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଅଷ୍ଟପ୍ରହର ମହାମନ୍ତ୍ର ଓ ଜଗନ୍ନାଥ ମନ୍ଦିରରେ ସତ୍ୟନାରାୟଣ ପୂଜା ହୋଇଥିଲା। ଆସନ୍ତାକାଲି ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହେବ। ପ୍ରଥମ ଦିନ ଅଧିବାସ ଓ କଳସ ଯାତ୍ରା ହୋଇଥିଲା। ସତ୍ୟନାରାୟଣ ପୂଜାରେ ସଞ୍ଜିବ କୁମାର ପଣ୍ଡା ଓ ସଙ୍ଗୀତା କର୍ତ୍ତା ଦାୟିତ୍ୱ ବହନ କରିଥିବାବେଳେ ନାମଯଜ୍ଞରେ ଅଶ୍ୱିନୀ ପ୍ରଧାନ ଓ ମିନୁ ପ୍ରଧାନ କର୍ତ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଉଭୟ ପୂଜାରେ ପଣ୍ଡିତ ଶାସ୍ୱତ କୁମାର ପଣ୍ଡା (ରାଜା) ପୌରୋହିତ୍ୟ କରିଥିଲେ।

# ମିଠା ବାଣ୍ଟିଲେ ପ୍ରସନ୍ନଙ୍କ ସମର୍ଥକ



**ପଢ଼ିଆବାହାଲ, ୨।୪(ସମିସ):** ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଘରକୁ ଫେରିବା ପରେ ତାଙ୍କ ସମର୍ଥକ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଯୁଯୁମୁରା ବ୍ଲକ ପଢ଼ିଆବାହାଲ ସାପ୍ତାହିକ ବଜାରରେ ପ୍ରସନ୍ନଙ୍କ ଶତାଧିକ ସମର୍ଥକ ଏକତ୍ରିତ ହୋଇ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। ବାହାମ ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ରାଜକୁମାର ସାହୁ, ଇସମାଇଲ ଆଜାଦ ବଢେଇ, ହରିହର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋଜ ଦେହୁରୀ, ପ୍ରଦୀପ ଡନସନା, ଅଶ୍ୱିନୀ ପ୍ରଧାନ, ମଳୟ ନାୟକ, ପ୍ରଦୀପ ବେହେରା, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ, ବିନୋଦ ଭୋଇ ପ୍ରମୁଖ ସାମିଲ ଥିଲେ।

# ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ

**ହୀରାକୁଦ, ୨।୩(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହୀରାକୁଦରେ ଉତ୍କଳ ଦିବସ ଓ ଶିକ୍ଷାବର୍ଷ ପ୍ରାରମ୍ଭ ଦିବସ ପାଳିତ ହୋଇଯାଇଛି। ଉପସଭାପତି ହେମନ୍ତ କୁମାର ପଟେଲ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୱତ୍ ପରିଷଦର ସଂପାଦକ ବୀରେନ୍ଦ୍ର ଜେନା ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍କଳ ଦିବସ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। କୋଷାଧ୍ୟକ୍ଷ ଅଜିତ୍ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଉତ୍କଳ ଦିବସ ଉପରେ କହିବା ସହ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସତ୍ୟନାରାୟଣ ପୂଜା କରାଯାଇଥିଲା।



# ପାଞ୍ଚଫୁଟ୍ ହାଇସ୍କୁଲରେ ଉତ୍କଳ ଦିବସ

**ମାନେଶ୍ୱର,୨।୪(ସମିସ):** ମାନେଶ୍ୱର ବ୍ଲକର ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହେଇଯାଇଛି। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା ଛାତ୍ରଛାତ୍ରୀମାନଙ୍କୁ ଉତ୍କଳ ପ୍ରଦେଶ ଗଠନ ସଂପର୍କରେ କହିଥିଲେ। ପ୍ରଧାନ ଶିକ୍ଷକ ସୁଶୀଲ ପାଣିଗ୍ରାହୀ ଓଡ଼ିଶାର ଗଠନରେ ବରପୁତ୍ରମାନଙ୍କ ଅବଦାନ ଓ ଓଡ଼ିଆ ଭାଷା ଆନ୍ଦୋଳନରେ ସମ୍ବଲପୁରର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସିମରନ ବେହେରା, ହରିପ୍ରିୟା ବେହେରା ମଧ୍ୟ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଯାଇଥିଲା। ଶିକ୍ଷକ ସନ୍ଦୀପ ସାହୁ, ସଦାଶିବ ପାଣ୍ଡେ, ସୀତାରାମ ସାହୁ, ସତ୍ୟଜିତ ବେହେରା, ବିକାଶ ଓରାମ, ଭଗବାନ ଝାଙ୍କର, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମାହାନା, ଜ୍ୟୋତିର୍ମୟୀ ଭୋଇ ଓ କର୍ମଚାରୀ ଦେବେଶ ପ୍ରଧାନ, କିଶୋର ବେହେରା ସହଯୋଗ କରିଥିଲେ।

# ବିଜେପି କାର୍ଯ୍ୟାଳୟରେ ସେଲିବ୍ରେସନ, ଗିରୀଶ ଓ ସମର୍ଥକ ଅନୁପସ୍ଥିତ

ସମ୍ବଲପୁର, ୨।୪(ସମିସ)

ସମ୍ବଲପୁର ବିଜେପିରେ ନିର୍ବାଚନ ପୂର୍ବରୁ ଗୋଷ୍ଠୀକନ୍ଦଳ ଉଗ୍ର ହୋଇଛି। ଜୟ ନାରାୟଣ ମିଶ୍ରଙ୍କୁ ବିଧାନସଭା ଟିକେଟ ମିଳିବା ପରେ ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲ ଅସନ୍ତୁଷ୍ଟ ହୋଇଥିବା ଜଣାଯାଇଛି। ଉଭୟ ନେତା ଏବେ ପରସ୍ପର ବିପରୀତ ମୁହାଁ ହୋଇଛନ୍ତି। ଜୟନାରାୟଣ ମିଶ୍ରଙ୍କୁ ଟିକଟ ମିଳିବା ପରେ ବିଜେପି ଉତ୍ସବମୁଖର ହୋଇ ପଡ଼ିଥିବା ବେଳେ ଏହି ଉତ୍ସବରେ ଗିରୀଶ ଓ ତାଙ୍କ ସମର୍ଥକ ମାନେ ଅନୁପସ୍ଥିତ ରହିଥିବା କୁହାଯାଉଛି। ଏହାକୁ ନେଇ ସମ୍ବଲପୁର ବିଜେପିରେ ଗୋଷ୍ଠୀ କନ୍ଦଳ ଥିବା ଦଳୀୟ ଅନ୍ଦରମହଲରେ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ତାରିଖ ଘୋଷଣା ହେବା ସହ ବିଜେପି ତାର ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି। ତେବେ ସମ୍ବଲପୁର ଆସନ ପାଇଁ ବିଜେପି ଜୟନାରାୟଣ ମିଶ୍ରଙ୍କୁ ପ୍ରାର୍ଥୀ କରିଥିବାବେଳେ ବର୍ତ୍ତମାନର ଜିଲ୍ଲା ବିଜେପି ସଭାପତି ଥିବା ଗିରୀଶ ପଟେଲ ନିରାଶ ହୋଇଛନ୍ତି। ଟିକେଟକୁ ନେଇ ଦୀର୍ଘ ଦିନ ହେବ ଗିରୀଶ ଓ ଜୟନାରାୟଣଙ୍କ ମଧ୍ୟରେ ଏକପ୍ରକାର ଶୀତଳ ଯୁଦ୍ଧ ଲାଗି ରହିଥିଲା। ଏପିରିକି ଜୟନାରାୟଣ ଉପସ୍ଥିତ ରହୁଥିବା କାର୍ଯ୍ୟକ୍ରମରେ ଗିରୀଶଙ୍କୁ ଦେଖିବାକୁ ମିଳୁନଥିଲା। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୋଲି ଅବସରରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଜୟନାରାୟଣ ମିଶ୍ର ଥିବାରୁ ଗିରୀଶ ତାଙ୍କର କାର୍ଯ୍ୟାଳୟ ଭିତରୁ ବାହାରକୁ ବାହାରି ନ ଥିଲେ। ଜୟନାରାୟଣ ମିଶ୍ର ସମ୍ବଲପୁର ବିଜେପିରୁ ପ୍ରାର୍ଥୀ ହେବା ନେଇ ଘୋଷଣା ହେବା ପରେ ସନ୍ଧ୍ୟାରେ ବିଜେପି ପକ୍ଷରୁ ସେଲିବ୍ରେସନ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ପୂର୍ବରୁ ନିମନ୍ତ୍ରଣ ମଧ୍ୟ କରାଯାଇଥିଲା। ଏପରିକି କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ଥିବା ସତ୍ତ୍ୱେ କାର୍ଯ୍ୟକ୍ରମରେ ଗିରୀଶ ପଟେଲଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ଗିରୀଶଙ୍କ କେହି ଜଣେ ହେଲେ ସମର୍ଥକ ଜିଲ୍ଲା କାର୍ଯ୍ୟାଳୟକୁ ଆସି ନ ଥିଲେ। ଯାହା ଫଳରେ ଜିଲ୍ଲାରେ ବିଜେପି ଦୁଇଫାଳ ହେବା ସମ୍ଭାବନା ସ୍ପଷ୍ଟ ହୋଇଛି। ଏପଟେ ଜୟନାରାୟଣ ମାତ୍ର ୫୦ ଜଣ କର୍ମୀଙ୍କୁ ନେଇ ସେଲିବ୍ରେସନ କରିଥିବା କୁହାଯାଉଛି। ସ୍ୱାସ୍ଥ୍ୟଗତ କାରଣରୁ ଜୟନାରାୟଣ ମିଶ୍ର ସମ୍ବଲପୁରରେ ଅନୁପସ୍ଥିତ ଥିବା ସମୟରେ ଗିରୀଶ ସଂଗଠନ କରିବା ସହ ତାର ଫାଇଦା ଉଠାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗିରିଶଙ୍କୁ ପାଖେ ପାଖେ ରଖି ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ପରୋକ୍ଷରେ ଇସାରା ଦେଇଥିଲେ। ହେଲେ ପ୍ରାର୍ଥୀ ଘୋଷଣା ପରେ ସବୁ ଓଲଟପାଲଟ ହୋଇଯିବାରୁ ଗିରୀଶ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପରେ ମଧ୍ୟ ନାରାଜ ଥିବା କୁହାଯାଉଛି। ଫଳରେ ଆଗକୁ ଏହି ଗୋଷ୍ଠୀ କନ୍ଦଳ ବିଜେପି ପାଇଁ କ୍ଷତି ଆଣିପାରେ ବୋଲି ରାଜନୈତିକ ବିଶାରଦ ମାନେ ମତବ୍ୟକ୍ତ କରିଛନ୍ତି।



### ବିଜେପିରେ ଗୋଷ୍ଠୀକନ୍ଦଳ ଉଗ୍ର

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଶାନ୍ତିଲତା ମହାପାତ୍ର
ଆର୍ବିଭାବ : ୨୦/୦୧/୧୯୪୦
ତିରୋଧାନ : ୧୫/୦୩/୨୦୨୩
ସିମୋର, ବେଗୁନିଆ, ଖୋର୍ଦ୍ଧା

ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ। ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା।

ହତଭାଗ୍ୟ ପୁତ୍ର ଓ ପୁତ୍ରବଧୂ ବଲ୍ଲଭ, ସୁଲଭ, ଅକ୍ଷୟ, ଅଜୟ, ସନ୍ତୋଷ, ବାବୁଲି, ସଞ୍ଜୁ, ସୁଚି,ଚିନୁ,ଡଲି, ଲକି, ଜିନା, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ

# ୨୨ରୁ ବରଗଡ଼ ଜିଲ୍ଲା ଆଥ୍‌ଲେଟିକ ମିଟ୍

**୧୭ ତାରିଖ ମଧ୍ୟରେ ପଞ୍ଜୀକରଣ**

**ବରଗଡ଼, ୨।୪(ସମିସ):** ଆଗାମୀ ୨୨ ତାରିଖରୁ ବରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଜିଲ୍ଲା ଆଥଲେଟିକ ମିଟ ବା କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ତିନିଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତା ୨୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଜିଲ୍ଲା କ୍ରୀଡ଼ା ସଂସଦର ଅନୁବନ୍ଧିତ କ୍ଲବ, ସ୍କୁଲ, କଲେଜ ଓ ଅନୁଷ୍ଠାନଗୁଡ଼ିକ ଚଳିତ ମାସ ୧୭ ତାରିଖ ଭିତରେ ନିଜ ଅନୁଷ୍ଠାନର ଏଂଟ୍ରି ଦେଇ ରେଜିଷ୍ଟ୍ରେସନ୍ କରେଇନେବାକୁ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ କ୍ରୀଡ଼ା ସମ୍ପାଦକ ହରଦୀପ ସିଂ ଜଣାଇଛନ୍ତି।

# ପ୍ରଥମ ଥର ପାଇଁ ହିନ୍ଦୀ ଭାଷାରେ ପ୍ରସ୍ତୁତ ମା' ତାରିଣୀଙ୍କ ଭଜନ



**ବିଜେପୁର, ୨।୪(ସମିସ):** ଘଟଗାଁ ବାସିନୀ ସଙ୍କଟ ହାରିଣୀ ମା' ତାରିଣୀଙ୍କର ମହିମା କାହାକୁ ଅବା ଅଜଣା। ପୂର୍ବରୁ ଓଡ଼ିଶାର ଅନେକ ଖ୍ୟାତନାମା କଣ୍ଠଶିଳ୍ପୀ ଆମ ଓଡ଼ିଆ ଭାଷାରେ ମା'ଙ୍କ ଭଜନ ଗାଇ ସାରିଥିବାବେଳେ ଏ ପର୍ଯ୍ୟନ୍ତ କେବେ ହିନ୍ଦୀ ଭାଷାରେ କୌଣସି ଗୀତ ପ୍ରସ୍ତୁତ ହୋଇ ନଥିଲା। କିନ୍ତୁ ଆଜି ମା' ତାରିଣୀଙ୍କ ଅପାର କରୁଣାରୁ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଗାୟିକା ଓଡ଼ିଆ ଝିଅ ଅଭିଲିପ୍ସା ପଣ୍ଡା ମା'ଙ୍କ ଗୀତ ହିନ୍ଦୀ ଭାଷାରେ ଗାନ କରି ବହୁ ପ୍ରଶଂସାର ପାତ୍ରୀ ହୋଇଛନ୍ତି। ଗୀତଟିକୁ ଓଡ଼ିଶାର ସୁନାମଧନ୍ୟ ଯୁବ ଗୀତିକାର ବିଜେପୁର ତାଳପଦରର ଜିତେନ୍ଦ୍ର ସେଠ ରଚନା କରିଥିବାବେଳେ ସଙ୍ଗୀତର ଭାର ତୁଲାଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଦୀପ୍ତିମାନ ଷଡ଼ଙ୍ଗୀ। ଗୀତଟି ସିମ୍ଫୋନି ଷ୍ଟୁଡିଓ କଟକଠାରେ ରେକର୍ଡିଂ ହୋଇଛି। ଗୀତର ପ୍ରଯୋଜକ ଅଶୋକ କୁମାର ପଣ୍ଡା କହିଛନ୍ତି, ମା'ଙ୍କ ମହିମା ଏଥର ଗୀତ ମାଧ୍ୟମରେ ସାରା ଭାରତ ବର୍ଷ ସହିତ ସାରା ଦୁନିଆ ଜାଣିବ। ମା' ତାରିଣୀଙ୍କ ମହିମାର ପ୍ରଚାରପ୍ରସାର ପାଇଁ ଏଗୀତ ତିଆରି କରିବାର ମୁଖ୍ୟ ଆଭିମୁଖ୍ୟ ଅଟେ ବୋଲି କହିଛନ୍ତି। ଆଗାମୀ ଦିନରେ ରକ୍‌ଷ୍ଟାର ଅଭିଲିପ୍ସା ପଣ୍ଡାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଗୀତଟି ମୁକ୍ତିଲାଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

**ଚାରିଚକିଆ ପାର୍କିଂ ପାଇଁ ବଢ଼ିଚାଲିଛି ଟ୍ରାଫିକ ସମସ୍ୟା**

# ଅଧିକାଂଶ ସମୟ ରାସ୍ତା ଜାମ୍

ବରଗଡ଼, ୨।୪(ସମିସ)

ସହର ଜନସଂଖ୍ୟା ବୃଦ୍ଧି ସହିତ ରାସ୍ତା ଉପରେ ଜନସାଧାରଣ ଓ ଯାନବାହାନ ଚଳାଚଳ ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଚାରିଚକିଆ ପାର୍କିଂ ଏବଂ ଟ୍ରାଫିକ ଏକ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଛି। ସହରର ଅଧିକାଂଶ ରାସ୍ତା ସକାଳ ୯ରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜାମ୍ ହୋଇ ରହୁଛି। ଟ୍ରାଫିକ ସମସ୍ୟାର ନିରାକରଣ ପାଇଁ ପୁରୁଣା ସହରରେ ରାସ୍ତା ଚଉଡ଼ା ସମ୍ଭବ ନ ଥିବା ବେଳେ ସଡକ ଉପରେ ବେଆଇନ ପାର୍କିଂ ଏହାର ପ୍ରମୁଖ କାରଣ ବୋଲି ସହରର ବିଭିନ୍ନ ରାସ୍ତାକୁ ଦେଖିଲେ ସମ୍ପୂର୍ଣ୍ଣ ବୁଝାପଡୁଛି। ଅର୍ଥନୀତିର ଉନ୍ନତି ସହିତ ସହରର ଅନେକ ଲୋକ ଦୁଇଚକିଆ ଯାନରୁ ଚାରିଚକିଆ ଯାନକୁ ପରିବର୍ତ୍ତିତ ହୋଇଛନ୍ତି। ତେବେ ଅଧିକାଂଶ



ପୁରୁଣା ଗାଡ଼ି ଲୋକଙ୍କ ପାଇଁ ନିଜସ୍ୱ ଗ୍ୟାରେଜ ନ ଥିବାରୁ ଶହଶହ ରାସ୍ତାରେ ହିଁ ପାର୍କିଂ କରି ରଖୁଛନ୍ତି। ରାସ୍ତା ଉପରେ ଏହି ଅଘୋଷିତ ପାର୍କିଂ ଯୋଗୁଁ ଏସବୁ ସ୍ଥାନରେ ରାସ୍ତାର ଚଉଡ଼ା ୩୦ ପ୍ରତିଶତରୁ ଅଧିକ କମି ଯାଉଛି। ଗାଡ଼ି ମାଲିକମାନେ କେବଳ ନିଜର କାର୍ଯ୍ୟ ସମୟକୁ ଛାଡ଼ି ଦେଲେ ଅନ୍ୟାନ୍ୟ ସମୟରେ ଗାଡ଼ିଗୁଡିକୁ ରାସ୍ତାରେ ହିଁ ରଖୁଛନ୍ତି। ପୂର୍ବରୁ କେତୋଟି ମୁଖ୍ୟ ସଡ଼କରେ ଏବଳି ହେଉଥିବାବେଳେ ଏବେ ସହରର ମଧ୍ୟରେ ଥିବା ପଡ଼ାମାନଙ୍କରେ କମ୍ ଚଉଡ଼ା ରାସ୍ତାରେ ଗାଡ଼ିଗୁଡ଼ିକ ପାର୍କିଂ କରି ରଖାଯାଉଛି। ଏହି ଧରଣର ପାର୍କିଂକୁ ହଟାଇବା ପାଇଁ ପୌର ପରିଷଦର ସ୍ୱତନ୍ତ୍ର ନିୟମ ଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଟ୍ରାଫିକ ପୁଲିସର ଏହି କାର୍ଯ୍ୟ ହେଉଥିବା ବେଳେ କର୍ମଚାରୀ ଅଭାବରୁ ସେମାନେ ଛକମାନଙ୍କରେ ଭିଡ଼ ନିୟନ୍ତ୍ରଣରେ ସୀମିତ ରହୁଛନ୍ତି। ଏଦିଗରେ କୌଣସି ପଦକ୍ଷେପ ନିଆଯାଉଥିବାରୁ ଧିରେଧିରେ ଏହି ଧରଣର ଗାଡ଼ି ସଂଖ୍ୟା ବିଗତ ବର୍ଷମାନଙ୍କରେ ବଢ଼ିବଢ଼ି ଚାଲିଛି। ତେଣୁ ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଆଗକୁ ସହରର ଟ୍ରାଫିକ ସମସ୍ୟା ପରିସ୍ଥିତକୁ ଆହୁରି ଜଟିଳ କରିବ।

**■ ଭାରତ ଫାଇନାନ୍ସରେ ଜାଲିଆତି କରି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ ମାମଲା**

# ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ

**ଭେଡେନ, ୨।୪(ସମିସ):** ଭେଡ଼େନ ବ୍ଲକ ବିଭିନ୍ନ ଅଞ୍ଚଳରୁ ନିରୀହ ମହିଳାଙ୍କ ଠାରୁ ଲକ୍ଷଲକ୍ଷ ଟଙ୍କା ତାଙ୍କ ଅଜାଣତରେ ଉଠାଇ ନେଇ ଆତ୍ମସାତ କରିଥିବା ଭେଡ଼େନ ସ୍ଥିତ ଭାରତ ଫାଇନାନ୍ସ କମ୍ପାନୀର କର୍ମଚାରୀ ଓ ଏଜେଣ୍ଟଙ୍କ ନାମରେ ବ୍ଲକର ବିଭିନ୍ନ ଅଞ୍ଚଳର ମହିଳାମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଭେଡ଼େନ ପୁଲିସ କିଛିଦିନ ତଳେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲାକୁ ଗୁରୁତ୍ୱ ଦେଇ ବରଗଡ଼ ଏସପି ପ୍ରହଲ୍ଲାଦ ସାହେ ମିନାଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାର ତଦନ୍ତ କରି ମଙ୍ଗଳବାର ଆଉଜଣେ ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର କଣ୍ଟାମାଲଥାନା ଅନ୍ତର୍ଗତ ସୌରିବେଙ୍ଗସ ଗ୍ରାମର ସୁମିତ



ନାଗ(୨୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଭେଡ଼େନ ଥାନା ଅଧିକାରୀ ପ୍ରେମଜିତ ଦାଶ କହିଛନ୍ତି ଯେ ଯେଉଁମାନେ ଏହି ମାମଲାରେ ସମ୍ପୃକ୍ତ ଅଛନ୍ତି ସମସ୍ତଙ୍କୁ ଧରାଯିବ ଓ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପଦ୍ମପୁର କଂଗ୍ରେସ ପ୍ରାର୍ଥୀ ଟଙ୍କଧର ସାହୁଙ୍କ ପ୍ରେସମିଟ୍

**ପାଇକମାଳ, ୨।୪(ସମିସ):** ଜାତୀୟ କଂଗ୍ରେସ ଦଳ ପକ୍ଷରୁ ମଙ୍ଗଳବାର କିଛି ପ୍ରାର୍ଥୀଙ୍କ ନାମ ଘୋଷଣ କରାଯାଇଥିବାବେଳେ ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇଁ ଟଙ୍କଧର ସାହୁଙ୍କୁ କଂଗ୍ରେସ ପାର୍ଥୀ ଭାବେ ଘୋଷଣା କରାଯାଇଛି। ଟଙ୍କଧର ସାହୁ ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ପୁତୁରା ତଥା ଇନ୍ଦ୍ରମଣୀ ସାହୁଙ୍କ ସୁପୁତ୍ର ଅଟନ୍ତି। ଟିକଟ ପାଇବା ପରେ ଶ୍ରୀ ସାହୁ ପାଇକମାଳ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧି, ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟାନ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ କୁମାର କାଲିଆ, ବିଜୟା ନନ୍ଦ ପଟ୍ଟନାୟକ, ମନୋଜ କୁମାର ତ୍ରିବେଦୀ,



ସନ୍ତୋଷ ପାଣିଗ୍ରାହୀ, ମହେନ୍ଦ୍ର ଖୁଣ୍ଟିଆ, ବୈବ ପ୍ରଧାନ, ଅରୁପା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ନିଗମାନନ୍ଦ ବିହାରରେ ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବରଗଡ଼, ୨।୪(ସମିସ):** ବରଗଡ଼ ୱାର୍ଡ ନମ୍ବର ୧ ନିଗମାନନ୍ଦ ବିହାରଠାରେ ଆସନ୍ତା ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟପ୍ରହରୀ ନାମଯଜ୍ଞ ପାଇ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ସ୍ଥାନୀୟ କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ବାଙ୍କା ବିହାରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଟିର ସଭାପତି ସଦାଶିବ ସାହୁ, ଉପ ସଭାପତି ଅର୍ଜୁନ ସେଟ, ସମ୍ପାଦକ ଟିକେଲାଲ୍ ନାଏକ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ସଦସ୍ୟ ସନ୍ତୋଷ ପଣ୍ଡା, ଗଗନବିହାରୀ ଦାଶ, ନବୀନ ସାବତ, ଭାଗିରଥି ପ୍ରଧାନ, ଭାଗବତିଆ ପରୁଆ, ଚନ୍ଦ୍ରଶେଖର କମ୍ପ, ଶୋଭାରମ ମହାପାତ୍ର, ଆକା ସେଠୀ, ଜଗବନ୍ଧୁ ନାଏକ, ତରଣି ସେନ ଦେବତା, ଅଶୋକ ସାହୁ, ରବିନାରାୟଣ ସାହୁ ଅରୁଣ ସେଟ୍, ଦଇତାରୀ ସାହୁ ପ୍ରଦୀପ ସାହୁ, ସୁରେଶ ବାରିକ ଓ ଚନ୍ଦ୍ରକାନ୍ତ ସା ପ୍ରମୁଖଙ୍କ ସମେତ ବହୁ ପଡ଼ାବାସୀ ଉପସ୍ଥିତ ଥିଲେ। ପଡ଼ାବାସୀଙ୍କ ତରଫରୁ ଚନ୍ଦ୍ରମଣି ଦାସ ସପତ୍ନିକ କର୍ତ୍ତା ଦାୟିତ୍ୱ ବହନ କରିବା ସହିତ ଅଷ୍ଟପ୍ରହରୀ ନାମ ଯଜ୍ଞର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିବେ ବୋଲି ନାମଯଜ୍ଞ କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି।



# ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଫଳ ସମୀକ୍ଷା, ଛାତ୍ରଛାତ୍ରୀଙ୍କ ଭାବବିନିମୟ

**ବରଗଡ଼, ୨।୫(ସମିସ):** ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହେବା ଅବସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ସମେତ ତାଙ୍କର ଅଭିଭାବକମାନେ ଏହି ବୈଠକରେ ଯୋଗଦେଇଥିଲେ। ବରଗଡ଼ ଜିଲ୍ଲାର ୩୧୬ଟି ସ୍କୁଲରେ ମଙ୍ଗଳବାର ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ନିଜନିଜର ମତାମତ ରଖିଥିଲେ। କିଏ କେମିତି ମାର୍କ ରଖିଛନ୍ତି, କେଉଁଠି କିଛି ଭୁଲ ରହିଲା, କଣ କଲେ ଆହୁରି ଭଲ ହେବ ସେ ବିଷୟରେ ସମସ୍ତ ସ୍କୁଲଗୁଡ଼ିକରେ ଆଲୋଚନା ହୋଇଥିଲା। ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦୀପ୍ତ ରଥ, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି



ସୁନା, ନିଶାମଣି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ରଥ, ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନମୋହନ ତ୍ରିପାଠୀ, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ, ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମରୁ ନବମ ପର୍ଯ୍ୟନ୍ତ ଶ୍ରେଣୀ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ସମୀକ୍ଷା ସହିତ ବ୍ୟକ୍ତିଗତ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ବରଗଡ଼ ଜିଲ୍ଲା ସାରା ଏହି କାର୍ଯ୍ୟକ୍ରମ ଆଜି ଚାଲିଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ମଧ୍ୟ ନିଜନିଜର ମତାମତ ଉପସ୍ଥାପନ ସହିତ ଅଭିଭାବକଙ୍କ ସହ ଭାବବିନିମୟ କରିଥିଲେ। ଜିଲ୍ଲାର ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ଏଥର ଖୁବ୍ ସୁନ୍ଦର ରେଜଲ୍ଟ ରଖିଛନ୍ତି। ଆଗାମୀ ଦିନରେ ଜିଲ୍ଲାର କୌଣସି ବି ସ୍କୁଲରେ କିଛି ସମସ୍ୟା ଥିବ ତାକୁ ନିଶ୍ଚିତ ଭାବରେ ସମାଧାନ କରାଯିବା ସହ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏକ ନମ୍ବର ଜିଲ୍ଲା ଭାବେ ପରିଚିତ ହେବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ କହିଛନ୍ତି।

# ଅମ୍ବାପତ୍ରାରେ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ

**ଯୋଗଦେଲେ ବିଧାୟକ ଦେବେଶ**

**ବରଗଡ଼, ୨।୪(ସମିସ):** ବରଗଡ଼ ଜିଲ୍ଲା ବରପାଲି ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଅମ୍ବାପତ୍ରାଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ସମାରୋହରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ହନୁମାନ ମନ୍ଦିର ପ୍ରାଣ ପ୍ରତିଷ୍ଠା ସାମିଲ ହୋଇ ଆର୍ଶୀବାଦ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ପାଛୋଟି ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।



**ସରକାରୀ ବିଦ୍ୟାଳୟ କାର୍ଯ୍ୟକ୍ରମରେ ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ଯୋଗଦାନ**

# ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗ

ବରଗଡ଼, ୨।୪(ସମିସ)

ସାରା ଦେଶରେ ସାଧାରଣ ନିର୍ବାଚନ ଘୋଷଣା ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏପରି ସମୟରେ ବରଗଡ଼ ଜିଲ୍ଲାର ଏକ ସରକାରୀ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଞ୍ଚରେ ବସି ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି।"ସୂଚନାନୁଯାୟୀ, ସୋମବାର ବରଗଡ଼ ଜିଲ୍ଲା ବରପାଲି ବ୍ଲକ ବଲିଟିକ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସ ଥିଲା। ବର୍ତ୍ତମାନ ଦେଶରେ ଆଦର୍ଶ ଆଚରଣ




ବିଧି ଲାଗୁ ହୋଇଥିବାରୁ ସରକାରୀ କାର୍ଯ୍ୟକ୍ରମରେ ରାଜନୈତିକ ବ୍ୟକ୍ତି ଅତିଥି ହେବା କଥା ନୁହେଁ। ହେଲେ ବିଜେପିର ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ କିପରି ଭାବେ ଅତିଥି ହେଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସେହିପରି ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନତ ଗଡ଼ତିଆ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଜେପିର ଉଭୟ ନେତା ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ସନତ ଗଡ଼ତିଆ ମଞ୍ଚରେ ନିଜର ବକ୍ତବ୍ୟ ରଖିଥିଲେ। ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମ ନିର୍ବାଚନ ଘୋଷଣା ହେବାର ବହୁ ପୂର୍ବରୁ ସ୍ଥିର ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ଆଦର୍ଶ ଆଚରଣ ବିଧି ଲାଗିଥିବା ବେଳେ ଉଭୟ ନେତାଙ୍କ ଏହି କାର୍ଯ୍ୟକ୍ରମକୁ ନେଇ ବୁଦ୍ଧିଜୀବୀ ମହଲରେ ବେଶ୍ ଚର୍ଚ୍ଚା ଦେଖିବାକୁ ମିଳିଛି।

# ପଦ୍ମପୁର ନିର୍ବାଚନମଣ୍ଡଳୀ: ଭାଜପାରୁ ଗୋବର୍ଦ୍ଧନ, କଂଗ୍ରେସରୁ ଟଙ୍କଧର ବିଧାୟକ ପ୍ରାର୍ଥୀ

**ପଦ୍ମପୁର, ୨।୧(ସମିସ):** ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୨ ପ୍ରମୁଖ ଦଳ ଭାଜପା ଏବଂ କଂଗ୍ରେସ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କଂଗ୍ରେସ ଦଳ ନବାଗତ ଟଙ୍କଧର ସାହୁଙ୍କୁ ଟିକେଟ ଦେଇଥିବା ବେଳେ ଭାଜପା ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ ଉପରେ ଭରସା କରିଛି। କଂଗ୍ରେସ ପ୍ରାର୍ଥୀ ଟଙ୍କଧର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ପୁତୁରା ହୋଇଥିବାବେଳେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଗୋବର୍ଦ୍ଧନ ଭୁଏ ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ





ଛିଡ଼ା ହୋଇ ୫୪୫୬ ଭୋଟ ପାଇଥିଲେ। ପରେ ଭାଜପାରେ ସାମିଲ ହୋଇ ବିଭିନ୍ନ ସାଂଗଠନିକ ଦାୟିତ୍ୱରେ ରହିଥିଲେ।

# ନିର୍ବାଚନ ପାଇଁ ପୁଲିସ ପକ୍ଷରୁ କଡ଼ା ଯାଞ୍ଚ

ସମ୍ବଲପୁର, ୨।୪(ସମିସ)

ପାଖେଇ ଆସିଲାଣି ନିର୍ବାଚନ। ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳା ସହ ସମାପ୍ତ ହେବ ସେଥିପ୍ରତି ନିର୍ବାଚନ ଆୟୋଗ ଗୁରୁତ୍ୱ ଦେଇ କଡ଼ା ଚେକିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ସହର ଦ୍ୱାରପଥକୁ ସଶସ୍ତ୍ର ସିଆର୍‌ପିଏଫ୍ ଯବାନମାନେ ଜଗିଛନ୍ତି। ସେମାନଙ୍କ ସହ ଜଣେ ପୁଲିସ୍ ଅଧିକାରୀ ବି ରହୁଛନ୍ତି। ସହର ପ୍ରବେଶ ପଥ ଅଇଁଠାପାଲି, ଚାଉଁରପୁର,

## ସହର ମୁଖ୍ୟଦ୍ୱାରରେ ନାକାବନ୍ଦୀ

ଲକ୍ଷ୍ମୀଡୁଙ୍ଗୁରୀ(ଦୁର୍ଗାପାଲି), ଅଇଁଠାପାଲି ତଳି ଛକ, ମାନେଶ୍ୱର, ଧନୁପାଲି, ଧନକଉଡ଼ା ଭଳି ପ୍ରବେଶ ପଥ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି, ନାକାବନ୍ଦୀ ହୋଇଛି। ଚୋର, ତସ୍କର, ଛିନତାଇ ଓ ଲୁଟେରାଙ୍କୁ ନିୟନ୍ତ୍ରଣକୁ ଆଣିବାକୁ ସମ୍ବଲପୁର ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥିପାଇଁ ନିୟମିତ ଫ୍ଲାଗ୍‌ମାର୍ଚ୍ଚ ମଧ୍ୟ କରାଯାଉଥିବା ସମ୍ବଲପୁର ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସମ୍ବଲପୁର ପୁଲିସ୍ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ଜିଲ୍ଲାସାରା ସବୁ ଥାନାଞ୍ଚଳର ପ୍ରବେଶ



ପଥକୁ ନାକାବନ୍ଦୀ କରାଯାଇଛି। ସମ୍ବଲପୁର ସହରରେ ୨ପ୍ଲାଟୁନ୍ ସିଆର୍‌ପିଏଫ୍ ଜଗୁଛନ୍ତି। ସହରରେ କୌଣସି ସ୍ଥାନରେ ଆପତ୍ତିଜନକ ସ୍ଥିତି ଦେଖିଲେ ତୁରନ୍ତ ଚଢ଼ଉ ହେଉଛି। କାର୍, ବାଇକ୍ ଲଗାତାର ଯାଞ୍ଚ କରାଯାଉଛି। ପ୍ରବେଶ ପଥରେ ଏଭଳି ସୁରକ୍ଷା ବ୍ୟବସ୍ଥାକୁ ଜନସାଧାରଣ ପ୍ରଶଂସା କରିଛନ୍ତି। ଏହି ସୁରକ୍ଷା ବ୍ୟବସ୍ଥା ପାଇଁ ସହରରେ ବଢ଼ିଚାଲିଥିବା ଲୁଟ୍ ଓ ଛିନତାଇ ଘଟଣା ହ୍ରାସ ପାଇବ। ତେଣୁ ଏହା ନିର୍ବାଚନ ପରେ ବି ଜାରି ରହିବା ଆବଶ୍ୟକ ବୋଲି ଦାବି କରୁଛନ୍ତି। କାରଣ ସମ୍ବଲପୁର ସହରରେ ଦିନକୁ ଦିନ ଅପରାଧ ସଂଖ୍ୟା ବଢ଼ିଚାଲିଛି। ତେଣୁ ଏହି ସଶସ୍ତ୍ର ପୁଲିସ୍ ରହିବା ଦ୍ୱାରା ଅପରାଧ କମିବାର ସମ୍ଭାବନା ରହୁଛି। ସମ୍ବଲପୁର ସହରର ସବୁ ପ୍ରବେଶ ପଥକୁ ସିଲ୍ କରାଯାଇଛି। ନିୟମିତ ଯାନବାହାନ ଯାଞ୍ଚ ହେଉଛି। କୌଣସି ସନ୍ଦେହ ସୃଷ୍ଟି ହେଲେ ତୁରନ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରୁଛନ୍ତି। ଏଥିପାଇଁ ସିଆର୍‌ପିଏଫ୍ ସହ ଅନ୍ୟ ପୁଲିସ୍ ଫୋର୍ସକୁ ନିୟୋଜିତ କରାଯାଉଛି। ସେମାନଙ୍କ ସହ ଜଣେ ସ୍ଥାନୀୟ ଥାନାର ଅଧିକାରୀଙ୍କୁ ଯାଞ୍ଚର ଦାୟିତ୍ୱ ଦିଆଯାଉଛି। ଫଳରେ ଅପରାଧ ନିୟନ୍ତ୍ରଣ ହୋଇପାରୁଛି। ଏହାସହ ସହରର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ ହେଉଛି। ଆଗକୁ ମଧ୍ୟ ଏହା ଜାରି ରହିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ଫୋର୍ସ ନିୟୋଜିତ ହୋଇସାରିଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ସମ୍ବଲପୁର ପୁଲିସ ପକ୍ଷରୁ କୁହାଯାଇଛି।

# ସୁସ୍ଥ ହୋଇ ଘରକୁ ଫେରିଲେ ପ୍ରସନ୍ନ ଆଚାର୍ଯ୍ୟ

**ସମ୍ବଲପୁର, ୨।୪(ସମିସ):** ଆକସ୍ମିକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ହସ୍ପିଟାଲରୁ ଆଜି ଡିସ୍‌ଚାର୍ଜ ହୋଇଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ଆଚାର୍ଯ୍ୟ ଗତ ମାର୍ଚ୍ଚ ୧୪ ତାରିଖରେ ବିଜେଡିର ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଭୁବନେଶ୍ୱରରୁ ବରଗଡ଼କୁ ଫେରୁଥିବାବେଳେ ରାତି ପ୍ରାୟ ୧୨ଟା ସମୟରେ ରେଢ଼ାଖୋଲ ଲୁହାପଙ୍କ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ଗାଡ଼ିରେ ଥିବା ତାଙ୍କର ପିଏସ୍‌ଓ ଗୁରୁତର ଆହତ ହୋଇଥିଲେ। ତାଙ୍କ ଡ୍ରାଇଭର



ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ପ୍ରସନ୍ନ ଓ ତାଙ୍କର ପିଏସ୍‌ଓଙ୍କୁ ଉଦ୍ଧାର କରି ପ୍ରଥମେ ରେଢାଖୋଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଦୁର୍ଘଟଣାରେ ପ୍ରସନ୍ନଙ୍କ ମୁଣ୍ଡ, ଆଖି ଏବଂ କାନରେ ଗଭୀର ଆଘାତ ଲାଗିଥିଲା। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା। ତେବେ ଦୁର୍ଘଟଣାର ୧୭ଦିନ ପରେ ହସ୍ପିଟାଲରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଆଜି ପ୍ରସନ୍ନ ଆଚାର୍ଯ୍ୟ ଘରକୁ ଫେରିଛନ୍ତି। ପ୍ରସନ୍ନ ଆଜି ହସ୍ପିଟାଲରୁ ସୁସ୍ଥ ହୋଇ ଫେରିବା ପରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ମିଠା ବାଣ୍ଟି ପ୍ରସନ୍ନଙ୍କ ସମର୍ଥକ ତଥା ବିଜେଡି କର୍ମୀମାନେ ଖୁସି ବ୍ୟକ୍ତ କରିଛନ୍ତି।

# ଝାଡ଼ାବାନ୍ତି ରୋକିବା ନେଇ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଦାବିପତ୍ର

**ସମ୍ବଲପୁର, ୨।୪(ସମିସ):** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଝାଡ଼ାବାନ୍ତି ବା ଡାଇରିଆର ପ୍ରକୋପ ବିପଦଜନକ ଭାବରେ ବୃଦ୍ଧିପାଉଛି। ହୀରାକୁଦ ପରେ ଡ଼ାଇରିଆ ଏବେ



ସମ୍ବଲପୁର ସହରରେ ତାର କାୟା ବିସ୍ତାର କରିଚାଲିଛି। ଶତାଧିକ ବ୍ୟକ୍ତି ସରକାରୀ, ବେସରକାରୀ ଡାକ୍ତରଖାନା କିମ୍ବା ଘରୋଇ ଭାବରେ ଚିକିତ୍ସାଧିନ ଅଛନ୍ତି। ମୈତ୍ରିନଗର, ମାତୃବିହାର, ଶକ୍ତିନଗର, ଚେରୁଆପଡ଼ା ଆଦି ଅଞ୍ଚଳର ଅବସ୍ଥା ଉଦ୍‌ବେଗଜନକ। ଦୂଷିତ ଜଳ ଜନିତ ଏହି ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କା କରି ଆଜି ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଆବାହକ ବେଣୁଧର ଦାଶଙ୍କ ନେତୃତ୍ୱରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହାନଗରର ବାସୀଙ୍କୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ପ୍ରତିଦିନ ଜଳ ଯୋଗାଣ ପୂର୍ବରୁ ଜଳର ବିଶୁଦ୍ଧତାର ମାନ ନିର୍ଣ୍ଣୟ, ବିଶୋଧନାଗାର ଓ ପମ୍ପ ହାଉସ୍‌ରେ ପର୍ଯ୍ୟାପ୍ତ ସଂଖ୍ୟକ ବୈଷୟିକ ଓ ଯାନ୍ତ୍ରିକ ଅଧିକାରୀ ଏବଂ କର୍ମଚାରୀ ନିଯୁକ୍ତି, ଏକ ସ୍ୱତନ୍ତ୍ର ଭ୍ରାମ୍ୟମାଣ ସ୍କ୍ୱାଡ଼ ଗଠନ କରି ଭୂତଳ ଜଳ ଯୋଗାଣ ପାଇପ୍‌ର ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଓ ଆବଶ୍ୟକସ୍ଥଳେ ନୂତନ ପାଇପ୍ ଲଗାଇବା ଦାବିରେ ବିଚାର ମଞ୍ଚ ପକ୍ଷରୁ ନଗର ଉନ୍ନୟନ ସଚିବଙ୍କ ଉଦ୍ଦେଶ୍ୟରେ ଜନସ୍ୱାସ୍ଥ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ୱାଟ୍‌କୋ ମେନେଜର)ଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଥିଲା।

# ଷ୍ଟେସନରୁ ୪୫ କେଜି ଗଞ୍ଜେଇ ସହ ୨ ଗିରଫ



**ସମ୍ବଲପୁର, ୨।୪(ସମିସ):** ସମ୍ବଲପୁର ରେଳ ଷ୍ଟେସନରେ ପ୍ରତିଦିନ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଆଜି ଟ୍ରେନ ଯୋଗେ ସହଜରେ ଗଞ୍ଜେଇ ଚୋରାଚାଲାଣ ପାଇଁ ଯୋଜନା କରୁଥିବା ବେଳେ ଜିଆରପି ପୁଲିସ ୨ ଜଣ ଅଭିଯୁକ୍ତକୁ ଗିରଫ କରିଛି। ସେମାନଙ୍କ ପାଖରୁ ୪୫ କେଜି ଗଞ୍ଜେଇକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟର ମନସା ଦେବୀ ଓ ଗୁଲାମ ଜିଲାନି। ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ସୂଚନା ମିଳିଛି। ସୂଚନା ଅନୁସାରେ ସମ୍ବଲପୁର ଜିଆରପି ଥାନା ପକ୍ଷରୁ ଆଜି କ୍ଷେତରାଜପୁର ରେଳଷ୍ଟେସନରେ ପେଟ୍ରୋଲିଂ କରାଯାଉଥିଲା। ବିଶେଷସୂତ୍ରରୁ ଖବର ପାଇ ପ୍ଲାଟଫର୍ମ ନମ୍ବର୨ର ଶେଷ ଭାଗରେ ଟ୍ରେନରେ ଗଞ୍ଜେଇ ଚୋରାଚାଲାଣ ପାଇଁ ଯୋଜନା କରୁଥିବା ସମୟରେ ଜିଆରପି ତାଙ୍କୁ ୨ ଅଭିଯୁକ୍ତଙ୍କୁ କାବୁ କରି ଗିରଫ କରିଥିଲା। ପୂର୍ବରୁ ମଧ୍ୟ ଅନେକ ଥର ଜିଆରପି ପକ୍ଷରୁ ଗଞ୍ଜେଇ ଜବତ କରାଯାଇଛି।

# ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବୈଠକ



**ସମ୍ବଲପୁର, ୨।୪(ସମିସ):** ବୃଦ୍ଧହିଲସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଜି ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଏକ ବୈଠକ ହୋଇଥିଲା। ଏପ୍ରିଲ ୧୪ତାରିଖ ହନୁମାନ ଜୟନ୍ତୀକୁ ଭବ୍ୟ ଭାବରେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହାସହ ବାଇକ ଶୋଭାଯାତ୍ରା ଓ ହନୁମାନଙ୍କ ଶୋଭାଯାତ୍ରା କିଭଳି ଭାବେ ପାଳନ କରାଯିବ ଆଗାମୀ ବୈଠକରେ ସ୍ଥିର କରିବାକୁ ନିଷ୍ପତ୍ତି ହୋଇଛି। ଆଜିର ବୈଠକରେ

## ଭବ୍ୟ ହେବ ପୂଜା
## ଶୋଭାଯାତ୍ରା ଉପରେ ହେବ ନିଷ୍ପତ୍ତି

ସଂଯୋଜକ ପ୍ରଦୀପ କୁମାର ବହିଦାର ଅଧ୍ୟକ୍ଷ୍ୟତା କରିଥିଲେ। ସମ୍ବଲପୁର ସହରର ସମସ୍ତ ଆଖଡ଼ା କମିଟୀ, ମନ୍ଦିର କମିଟୀ ତଥା ରାମ ଭକ୍ତମାନେ ଯୋଗ ଦେଇଥିଲେ। ସତ୍ୟନାରାୟଣ ପଣ୍ଡା, ଗିରିଶ ପଟେଲ, ସମୀର ବାବୁ, ଡକ୍ଟର ରାଜ କୁମାର ବଡ଼ପଣ୍ଡା, କର୍ଣ୍ଣଲ ପ୍ରଭାତ ପଣ୍ଡା, ଜୟବ୍ରତ ଦେ, ସୁମନ କମାର, ରିକନ ପଟ୍ଟନାୟକ, ସରିତା ଦେ ପ୍ରମୁଖ ହନୁମାନ ଜୟନ୍ତୀକୁ ଭବ୍ୟ ଭାବରେ ପାଳନ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ୨୦୨୪ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନୂତନ କମିଟି ଘୋଷଣା କରାଯାଇଥିଲା। ଏଥିରେ ସଭାପତି ଭାବେ ସୁଧୀର ରଞ୍ଜନ ବହିଦାର, କାର୍ଯ୍ୟକାରୀ ସଭାପତି ଭାବେ ଅନୀଲ ବେହେରା, ପ୍ରଦୀପ ସୁପକାର, ଉପ ସଭାପତି ଭାବେ ଅନୁପ ଲାଟା, ପିଣ୍ଟୁ ଓରାମ, ରୁନୁ ପ୍ରଧାନ, ଗୁରଦୀପ ସିଂଗିଲ, ସଂପାଦକ ଭାବେ ସରୋଜ ଘଡ଼େଇ, ସହ ସଂପାଦକ ଭାବେ ଅଭିଲାଶ ମୁଣ୍ଡା, ଦଶରଥ ମେହେର, ବିକ୍ରମ ଗୁରୁ, କୋଷାଧ୍ୟକ୍ଷ ଭାବେ କାହ୍ନୁରାମ ଶର୍ମା, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ବାବୁ ବେହେରା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ଜୟନାରାୟଣ ମିଶ୍ର, ନାଉରୀ ନାୟକ, ବିପିନ ନନ୍ଦ, ସତ୍ୟନାରାୟଣ ପଣ୍ଡା, ଶ୍ୟାମ ସୁନ୍ଦର ଧର, ରାମଚନ୍ଦ୍ର ମେହେର, ଶିବ କୁମାର ଅଗ୍ରୱାଲ ପ୍ରମୁଖ ରହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୁନ୍ଦନ ପ୍ରଧାନ, ପ୍ରଭୁଦତ୍ତ ପଣ୍ଡା, ଶିଶିର ବହିଦାର, ସୁନୀଲ ନନ୍ଦ, ଦେବବ୍ରତ ଦେ, ଦେବନ୍ତ ବେହେରା, ଆଦିତ୍ୟ ପୁରୋହିତ, ପୁଷ୍ପାଞ୍ଜଳି ଜେନା, ଲଳିତ ବେର୍ବତା, ବସୁ ମୁଣ୍ଡା, ସନ୍ତୋଷ ମୁଣ୍ଡା, ଇନ୍ଦ୍ରଜିତ ଡନସେନା, ଅଜୟ ବଡ଼ଗୟା, ଜୟ ସ୍ୱାଇଁ ପ୍ରମୁଖ ଶତାଧିକ ରାମଭକ୍ତ ଉପସ୍ଥିତ ଥିଲେ।

# ପାଞ୍ଚଦିନ ଧରି ଚାଲିବ କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ

ସମ୍ବଲପୁର, ୨।୪(ସମିସ): ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ବିଶିଷ୍ଟ କବି ପ୍ରାଚୀନ ଓ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ ସମନ୍ୱୟ ସାଧକ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ ଏପ୍ରିଲ ୪ରୁ ୮ ତାରିଖ ପାଞ୍ଚ ଦିନ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ପାଳନ କରାଯିବ। ଏ ଅବସରରେ ଗଙ୍ଗାଧର ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସାରସ୍ୱତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼ଃ ନୃପରାଜ ସାହୁ ମୁଖ୍ୟ ଅତିଥି ଓ ବିଜୟିନୀ ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିବେ। ଗଙ୍ଗାଧର ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଆଇ ଆଇ ଏମ୍ ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି ଓ ଛନ୍ଦା ମିଶ୍ର ମୁଖ୍ୟ ବକ୍ତା, ସେହିପରି ଗଙ୍ଗାଧର କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଶିକ୍ଷାବିତ ରଘୁନାଥ ପୂଜାରୀ ମୁଖ୍ୟ ଅତିଥି ଓ ଡ଼ଃ ମୃତ୍ୟୁଞ୍ଜୟ ରଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ। ପରଦିନ ଗଙ୍ଗାଧର ସ୍ମୃତି ଭବନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ ମୁଖ୍ୟ ଅତିଥି ଓ ବିଶିଷ୍ଟ ବାଗ୍ମୀ ଡ଼ଃ କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଓ ଶେଷ ଦିନରେ ଗଙ୍ଗାଧର ମେହେର ମହିଳା ସଙ୍ଘ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ନିଖିଳ ଓଡ଼ିଶା ମେହେର ସମାଜ ସଭାପତି ବୈଶମ୍ପାୟନ ମେହେର ମୁଖ୍ୟ ଅତିଥି ଓ ଡ଼ଃ ମଞ୍ଜୁଲିକା ନାଏକ ମୁଖ୍ୟ ବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଗଙ୍ଗାଧର ସ୍ମୃତି ଭବନ କମିଟିର ସଂପାଦକ ଡ଼ଃ ଶୁକମୁନି ମେହେର ଜଣାଇଛନ୍ତି।



ଦିନକୁ ଦିନ ବଢ଼ି ଚାଲିଛି ତାତି, ତାତି ବଢ଼ିବା ସାଙ୍ଗକୁ ମାଠିଆର ଚାହିଦା ବଢୁଛି। (ଫଟୋ- ନରସିଂହ)

# ସମ୍ବଲପୁର ରେଳମଣ୍ଡଳର ଉତ୍ତମ ପ୍ରଦର୍ଶନ

**ସମ୍ବଲପୁର, ୨।୪(ସମିସ):** ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳ ଏକ ବୃହତ ସଫଳତା ସହ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୨୪୮୧.୭୨ କୋଟି ଟଙ୍କା ଆୟ କରିଛି। ଯାହା ଗତ ବର୍ଷରେ ୨୦୭୫.୮୭ କୋଟି ଟଙ୍କାର ମୋଟ ଆୟରୁ ୧୯.୫୫ ପ୍ରତିଶତ ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ମଣ୍ଡଳ ୧୯.୭୮ ମେଟ୍ରିକ ଟନ ମାଲ ପରିବହନ କରିଛି। ଯାହା ଗତ ବର୍ଷର ୧୬.୫୪ ମେଟ୍ରିକ ଟନ ଲୋଡିଂ ଠାରୁ ୨୦ ପ୍ରତିଶତ ଅଧିକ।୨୦୨୩-୨୪ ଆର୍ଥିକ ବର୍ଷରେ କୋଚିଙ୍ଗ ରାଜସ୍ୱ ପ୍ରାୟ ୨୦୪.୭୯ କୋଟି ଟଙ୍କା ହାସଲ କରିଛି। ଯାହା ଗତ ବର୍ଷର ୧୮୩.୪୫ କୋଟି ତୁଳନାରେ ୧୧.୬୩ ପ୍ରତିଶତ ଅଧିକ। ସେହିପରି ମାଲ ପରିବହନ ରାଜସ୍ୱରେ ୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୨୨୪୧.୭୮ ଟଙ୍କା ହାସଲ ହୋଇଛି। ଯାହା ଗତ ବର୍ଷର ୧୮୬୨.୫୪ କୋଟି ତୁଳନାରେ ୨୦.୩୬ ପ୍ରତିଶତ ଅଧିକ। ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର ତୁଷାର କାନ୍ତ ପାଣ୍ଡେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ପରିଶ୍ରମ ପାଇଁ ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ମଧ୍ୟ ନୂତନ ଉଚ୍ଚତା ହାସଲ କରିବାକୁ ମଣ୍ଡଳ ଜାରି ରଖିବ ବୋଲି ପ୍ରବନ୍ଧକ କହିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ସମ୍ବଲପୁର, ୨।୪(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଗ୍ରହଣ କରିବାର ଉଦ୍ଦେଶ୍ୟ, ଆବଶ୍ୟକତା ତଥା ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷଣ କ୍ଲବ୍‌ର ସଂଯୋଜିକା ଡକ୍ଟର ଭାରତୀ ମିଶ୍ର ୨୦ ଦିନ ଧରି ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ଏରୋବିକ୍, ଆନାରୋବିକ, ଫ୍ଲେକଜିବିଲଟି ଇତ୍ୟାଦି ସଂପର୍କରେ ଆଲୋଚନା କରିଥିଲେ। ସଭା ଶେଷରେ ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶତାଧିକ ଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



# ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଉତ୍କଳ ଦିବସ



**ହୀରାକୁଦ, ୨।୪(ସମିସ):** ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ସମ୍ମିଳନୀର ସଭ୍ୟମାନେ ପ୍ରଥମେ ସକାଳେ ହୀରାକୁଦର ସମସ୍ତ ଛକରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ସନ୍ଧ୍ୟାରେ ହିଣ୍ଡାଲକୋ କମ୍ୟୁନିଟି ସେଣ୍ଟରଠାରେ ଉତ୍କଳ ଦିବସ ପାଳନ କରାଯାଇଥିଲା। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ହିଣ୍ଡାଲକୋ କ୍ଲଷ୍ଟର୍ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ବିଶ୍ୱାସ ସିନ୍ହେଧ ଏବଂ ମୁଖ୍ୟବକ୍ତା ଭାବେ ସୁନିତୀ ଦେବତା ସୌଖୀକ୍ ପରାମର୍ଶ ଦାତା ଓଡ଼ିଶା ମୁକ୍ତ ବିଶ୍ୱ ବିଦ୍ୟାଳୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିବ ମହାପାତ୍ର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ହିଣ୍ଡାଲକୋ, ନନ୍ଦଲାଲ୍ ଦାସ ସାଧାରଣ ସମ୍ପାଦକ କ୍ଷମତାସୀନ ୟୁନିଅନ ସ୍ମେଲ୍ଟର ପ୍ଲାଣ୍ଟ ହିଣ୍ଡାଲକୋ, ସୁବ୍ରତ କୁମାର ମୁଦୁଲି ସାଧାରଣ ସମ୍ପାଦକ କମ୍ୟୁନିଟି ସେଣ୍ଟର ବିଘ୍ନେଶ୍ୱର ପଣ୍ଡା, ସୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଦିବସ ପାଳନ ଅବସରରେ ସଭାପତି ସୁରେନ୍ଦ୍ର କୁମାର ବିଶ୍ୱାଳ ସ୍ୱାଗତ୍ ଭାଷଣ ଦେଇଥିଲେ। ବୁର୍ଲାର କଳାବିକାଶ କେନ୍ଦ୍ର, ହୀରାକୁଦର ନାଟ୍ୟ କଳାକ୍ଷେତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସରୋଜ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ବୀରେନ୍ଦ୍ର ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ସମ୍ମିଳନୀ ପକ୍ଷରୁ ସାଧାରଣ ସମ୍ପାଦକ ମୂରଲୀଧର ବେହେରା, କୋଷାଧ୍ୟକ୍ଷ ରାଧାମୋହନ ପଣ୍ଡା, ପ୍ରଫୁଲଚନ୍ଦ୍ର ନନ୍ଦ, ରାଇଫଲ ମିଶ୍ର, ଫଗନୁ ସେଠ୍, ଭଜରାମ ସ୍ୱାଇଁ, ପ୍ରଫୁଲ୍ଲ ପଢ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସହରରେ ଟ୍ରାଫିକ୍ ପରିଚାଳନା ବିପର୍ଯ୍ୟସ୍ତ

# ଫସିଲା ଆମ୍ବୁଲାନ୍ସ, ହନ୍ତସନ୍ତ ଗାଡ଼ି ଚାଳକ

ସମ୍ବଲପୁର, ୨।୪(ସମିସ)

ସମ୍ବଲପୁର ସହରରେ ଟ୍ରାଫିକ୍ ବ୍ୟବସ୍ଥା ଶଯ୍ୟାଶାୟୀ। ସହର ମଧ୍ୟରେ ଥିବା ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ବାରମ୍ବାର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଅଇଁଠାପାଲି ଛକ, ରମେଡ଼ଛକ, ବରେଇପାଲି ଛକ ଦୁର୍ଘଟଣା ପାଇଁ ଜଣାଶୁଣା। ବାରମ୍ବାର ଦୁର୍ଘଟଣା, ରାସ୍ତା ଜାମ ହେବା ପ୍ରତି ଛକରେ ନିତିଦିନିଆ ଘଟଣା। ଆଜି ସମ୍ବଲପୁର ଫାଟକ ଓଭର୍ ବ୍ରିଜରେ ଶତାଧିକ ଗାଡ଼ି ଟ୍ରାଫିକ୍ ସମସ୍ୟାରେ ଫସିଥିଲେ। ଏକ ଆମ୍ବୁଲାନ୍ସ ମଧ୍ୟ ଏହାର ଶିକାର ହୋଇଥିଲା।

ଗୋଲବଜାରରୁ ଅଇଁଠାପାଲି ଆସିବା ବାଟରେ ଫାଟକ ଓଭରବ୍ରିଜ ଏକ ସ୍ୱତନ୍ତ୍ର ବ୍ରିଜ। ଯେଉଁଠି ନିତିଦିନ ଛୋଟବଡ଼ ଗାଡ଼ି ଜାମ୍ ଲାଗିରହିଥାଏ। ଓଭରବ୍ରିଜର ଉଭୟ ପାର୍ଶ୍ୱରେ ଟ୍ରାଫିକ୍ ପରିଚାଳନା ପାଇଁ ପୁଲିସ ମଧ୍ୟ ମହଜୁତ ଥାନ୍ତି। ଅଇଁଠାପାଲିରୁ ଫାଟକ ଯାଏ ରାସ୍ତାକୁ ଓସାରିଆ କରିବାକୁ ଯୋଜନା କରାଗଲା। ନିର୍ମାଣ ପରେ ଲୋକମାନେ ସହଜରେ ରାସ୍ତାରେ ଯାଇପାରିବେ ବୋଲି



ଆଶା ରଖିଥିଲେ। ହେଲେ ସେ ଆଶା ଆଶାରେ ରହିଗଲା। ସେହି ରାସ୍ତା ଜାମ୍ ଯେମିତି ଥିଲା ସେମିତି ରହିଛି। ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଅତିମାତ୍ରାରେ ବଢ଼ିବାରେ ଲାଗିଛି। ଟ୍ରାଫିକ୍ ଯୋଗୁ ସର୍ବଦା ବିଶେଷତଃ ଜରୁରୀକାଳୀନ ସମୟରେ ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାକୁ ନିୟନ୍ତ୍ରଣ କରିବା ପାଇଁ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରଛନ୍ତି। ଏହି ଛକ ସଂଯୁକ୍ତସ୍ଥଳ ହେଇଥିବାରୁ ଅନେକ ଭିଡ଼ ଲାଗିରହୁଛି। ଦିନକୁଦିନ ଦୋକାନବଜାର ବଢ଼ିବା ସହ ଯାନବାହାନ ବଢ଼ିବାରେ ଲାଗିଛି। ରାସ୍ତା ସବୁବେଳେ ଜାମ୍ ରହୁଥିବାରୁ ଯାତ୍ରୀ ଓ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଛକର ଅଟୋ ଚାଳକ ମିଟୁ କୁହନ୍ତି। ବାରମ୍ବାର ଦୁର୍ଘଟଣା ହେଉଥିଲେ ମଧ୍ୟ ଏହାପ୍ରତି ଅଣଦେଖା ହେଉଛି। ପ୍ରଶାସନ ରାସ୍ତା ସମ୍ପ୍ରସାରଣ ପାଇଁ ସ୍ଥାନୀୟ ବାସିନ୍ଦା, ଦୋକାନୀଙ୍କୁ ଉଚ୍ଛେଦ କରି ପ୍ରଶଂସା ସାଉଁଠୁଛନ୍ତି। କିନ୍ତୁ ଟ୍ରାଫିକ୍ ସମସ୍ୟା କିପରି ସମାଧାନ ହେବ ସେଥିପ୍ରତି ଗୁରୁତ୍ୱ ଦେଖାଉ ନାହାନ୍ତି। ଆଜି ରାସ୍ତା ଜାମ୍ ଥିବାରୁ ଆମ୍ବୁଲାନ୍ସଟି ବହୁତ ସମୟ ଧରି ଅଟକି ରହିଥିଲା। ଏଭଳି ପରିସ୍ଥିତରେ ଯଦି ଆମ୍ବୁଲାନ୍ସରେ ଥିବା ରୋଗୀର କିଛି ହୋଇଯାଏ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

## ଝାରସୁଗୁଡ଼ା, ବ୍ରଜରାଜନଗର ନିର୍ବାଚନମଣ୍ଡଳୀ

# ବିଜେପି, କଂଗ୍ରେସର ପ୍ରାର୍ଥୀ ଘୋଷଣା

**ଝାରସୁଗୁଡ଼ା, ୨।୪(ସମିସ):** ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ଝାରସୁଗୁଡ଼ା ଆସନ ପାଇଁ ବିଜେପି ଟଙ୍କଧର ତ୍ରିପାଠୀଙ୍କୁ ପୁଣିଥରେ ଟିକଟ ଦେଇଛି। ଟଙ୍କଧର





ଗତ ଝାରସୁଗୁଡ଼ା ଉପ ନିର୍ବାଚନରେ ଲଢିଥିଲେ। ସେହିପର ବ୍ରଜରାଜନଗରରୁ ବିଜେପି ସାଂସଦ ସୁରେଶ ପୂଜାରୀଙ୍କୁ ଟିକଟ ଦେଇଛି। ଅବଶ୍ୟ ବ୍ରଜରାଜନଗର ସୁରେଶ ପୂଜାରୀଙ୍କ ପାଇଁ ନୂଆଁ ନୁହଁ। ୨୦୦୦ରେ ସୁରେଶ ବ୍ରଜରାଜନଗରରୁ ନିର୍ବାଚନ ଲଢି ହାରିଥିଲେ। ୨୦୦୪ ଓ ୨୦୦୯ ଏଭଳି ୩ ଥର ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚନ ଲଢି ହାରିଥିଲେ। ୨୦୨୪ରେ ସୁରେଶ ପୂଜାରୀଙ୍କୁ ପୁଣିଥରେ ଦଳ ଟିକଟ ଦେଇଛି। ସେହିପରି କଂଗ୍ରେସ ପକ୍ଷରୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ କିଶୋର ପଟେଲ ମଧ୍ୟ ନୂଆଁ ନୁହଁନ୍ତି। ୨୦୧୪ରେ କିଶୋର ପ୍ରଥମ କରି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୯ ଓ ୨୦୨୨ କିଶୋର ମହାନ୍ତିଙ୍କ ପରେ ହୋଇଥିବା ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ୭୭ ବର୍ଷବୟସ୍କ କିଶୋର ସୁନ୍ଦରଗଡ଼ ଆସନରୁ ୧୯୭୭ରେ ବିଜୟୀ ହୋଇଥିବାବେଳେ ୧୯୮୫, ୧୯୯୦ ହାରିଥିଲେ। ୧୯୯୫ ନିର୍ବାଚନରେ ପୁଣି ବିଜୟୀ ହୋଇଥିଲେ। ୨୦୦୦, ୨୦୦୪ରେ ସୁନ୍ଦରଗଡ଼ରୁ ହାରିଛନ୍ତି। ତେବେ କଂଗ୍ରେସ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ।

## ବିଜେପି ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ନାମ ଘୋଷଣା

# ବ୍ରଜରାଜନଗର ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ!

**ସମ୍ବଲପୁର/ବ୍ରଜରାଜନଗର, ୨।୪(ସମିସ)**

ଓଡ଼ିଶା ବିଜେପି ୧୧୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତନ୍ମଧ୍ୟରୁ ବିଜେପି ବିଧାୟକ ପ୍ରାର୍ଥୀ ଭାବରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବରଗଡ଼ ସାଂସଦ ସୁରେଶ ପୂଜାରୀଙ୍କର ନାମ ଘୋଷଣା ହେବା ପରେ ଯେତେ ବିଜେପି କର୍ମୀ ଉତ୍ସାହିତ ଅଛନ୍ତି ତାଠାରୁ ଅଧିକ ବିଜେପି କର୍ମୀ ନିରାଶ ରହିଛନ୍ତି। ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ବିଦ୍ରୋହ ଦେଖାଦେଇଛି। ଏଥର ସ୍ଥାନୀୟ ପ୍ରାର୍ଥୀଙ୍କୁ ଟିକେଟ ମିଳିବା ନେଇ ହାଇକମାଣ୍ଡଙ୍କୁ ଅନୁରୋଧ କରିଥିଲେ ବିଜେପି କର୍ମୀ କିନ୍ତୁ ପୁଣି ସୁରେଶଙ୍କ ଉପରେ ବିଶ୍ୱାସ କରିବା ବିଜେପି ଦଳ ପାଇଁ କାଳ ସାଜିବ ବୋଲି କୁହାଯାଉଛି। କାରଣ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ତିନି ଥର ଲଢ଼ିବା ସମୟରେ ନିଜର ପାରୁପର୍ଯ୍ୟନ୍ତ ପରିଶ୍ରମ ସତ୍ତ୍ୱେ ସୁରେଶ ପୂଜାରୀ ହାରିଯାଇଥିଲେ ବୋଲି ବିଜେପି କର୍ମୀ କହିଛନ୍ତି। ବିଜେପି ଦଳର ସମସ୍ତ କର୍ମୀ, ସ୍ଥାନୀୟ ଲୋକଙ୍କ ସହିତ ମିଶିବାରେ ସୁରେଶ ଫେଲ ମାରନ୍ତି ବୋଲି ବ୍ରଜରାଜନଗର ମଣ୍ଡଳର ପୂର୍ବତନ ସାଧାରଣ ସମ୍ପାଦକ ପ୍ରକାଶ ବର୍ମା କହିଛନ୍ତି। ବିଜେପି ଦଳର କିଛି କର୍ମୀ ଏଥର ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ଶ୍ରୀ ବର୍ମା ମତବ୍ୟକ୍ତ କରିଛନ୍ତି। ତେଣୁ କହି ନ ପାରୁଥିଲେ ମଧ୍ୟ ସୁରେଶଙ୍କୁ ନେଇ ଦଳରେ କୁହୁଳୁଛି ଦଳୀୟ ଅସନ୍ତୋଷ। କିଛି କର୍ମୀ ନିଜର ଅସନ୍ତୋଷ ସୋସିଆଲ ମିଡିଆରେ ପ୍ରକାଶ କରିଥିବା ବେଳେ କିଛି ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଛି। ଅନେକ ବିଜେପି କର୍ମୀ ଏଥର ନିରବ ରହି ନିର୍ବାଚନରେ ନିଜର ଅସନ୍ତୋଷ ଜାହିର କରିବା ନେଇ ଜଳଜଳ ଦେଖାଗଲାଣି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ତିନି ତିନି ଥର ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ହାରି ସାରିଛନ୍ତି ସୁରେଶ ପୂଜାରୀ। ତାଙ୍କୁ ଜିତେଇବା ପାଇଁ ଶତ ଚେଷ୍ଟା କରିଛନ୍ତି ବିଜେପି କର୍ମୀ, କିନ୍ତୁ ସୁରେଶ ପୂଜାରୀଙ୍କର ଆଭିମୁଖ୍ୟଙ୍କୁ ଲୋକେ ଗ୍ରହଣ କରି ପାରିନାହାଁନ୍ତି। ଏପରିକି ସେ ସମସ୍ତ ବିଜେପି କର୍ମୀମାନଙ୍କ ସହିତ ମିଶି ପାରନ୍ତିନି ବୋଲି ବ୍ରଜରାଜନଗରର କିଛି ବିଜେପି କର୍ମୀ ପ୍ରକାଶ କରିଛନ୍ତି। ଯେତେବେଳେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଜେପିର ଟିକେଟ ଘୋଷଣା କରାଯାଉଥିଲା ସେହି ସମୟରେ ସୁରେଶ ପୂଜାରୀ ସମ୍ବଲପୁରରେ ଉପସ୍ଥିତ ଥିଲେ। ଟିକେଟ ଘୋଷଣା ପରେ ମଧ୍ୟ ବ୍ରଜରାଜନଗର ଅଞ୍ଚଳରେ ନିଜର ଉପସ୍ଥିତି ଜାହିର କରି ନ ଥିଲେ। ବୁଧବାର ବ୍ରଜରାଜନଗରକୁ ସେ ଆସିପାରନ୍ତି ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ପ୍ରଥମ ଦିନରୁ ସେ ବ୍ରଜରାଜନଗରକୁ ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ବିଜେପି କର୍ମୀ ଅଭିଯୋଗ କରିବା ସହିତ ପ୍ରଥମ ଦିନରୁ ହିଁ ସୁରେଶ ପୂଜାରୀଙ୍କ ବ୍ରଜରାଜନଗର ପ୍ରତି ଥିବା ପ୍ରାଧାନ୍ୟ ଜଣାପଡୁଥିବା ବିଜେପି କର୍ମୀ ଓ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ସୁବାସଙ୍କ ଲାଗି ଅନେକ ଆଶାୟୀ ହତାଶ

**ଦେବଗଡ଼, ୨।୪(ସମିସ):** ବିଜେପି ପକ୍ଷରୁ ମଙ୍ଗଳବାର ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ଦେବଗଡ଼ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ତେବେ ସୁବାସଙ୍କ ପ୍ରାର୍ଥୀତ୍ୱକୁ ନେଇ ଦଳୀୟ ନିଷ୍ପତ୍ତିରେ ଅନେକ ଆଶାୟୀ ହତାଶ ହୋଇଛନ୍ତି। ଏହାସହ ସୁବାସଙ୍କ ପ୍ରାର୍ଥୀତ୍ୱକୁ ନେଇ କୌଣସି ପ୍ରତିକ୍ରିୟା ଦେବାଠାରୁ ଦୂରେଇ ରହିଥିବା ଦେଖିବାକୁ ମିଳିଛି। ଗୋଟିଏ ଉପ ନିର୍ବାଚନ ଓ ୨ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇ ବିଧାୟକ ହୋଇଥିବା ସୁବାଷଙ୍କୁ ଚଳିତ ନିର୍ବାଚନରେ ଜିଲ୍ଲାବାସୀ କେତେଦୂର ଗ୍ରହଣ କରିବେ କି ଅଗ୍ରାହ୍ୟ କରିବେ ତାହା ଏବେ ପ୍ରଶ୍ନ ସୃଷ୍ଟି କରିଛି।



# ଅବସରପ୍ରାପ୍ତ ଯବାନଙ୍କୁ ଭବ୍ୟ ସ୍ୱାଗତ



**ଝାରସୁଗୁଡ଼ା, ୨।୪(ସମିସ):** ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ କିରାରମା ଗ୍ରାମର ଶେଷଦେବ ପ୍ରଧାନ (୩୮) ଭାରତୀୟ ସେନା ବାହିନୀରେ କାମ କରି ଘରକୁ ବହୁଡ଼ିଛନ୍ତି। ସେ ବିହାରରୁ ରେଳ ଯୋଗେ ଆସି ବେଲପାହାଡ଼ ରେଳ ଷ୍ଟେସନରେ ଓହ୍ଲାଇବା ପରେ ଘରେ ପହଞ୍ଚି ଥିଲେ। ଏହି ଅବସରରେ ଶେଷଦେବଙ୍କୁ କିରାରମାବାସୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଭବ୍ୟ ସ୍ୱାଗତ କରିଛନ୍ତି। ସମସ୍ତେ ଶୋଭାଯାତ୍ରାରେ ବେଲପାହାଡ଼ ଓ କିରାରମାଠାରେ ତାଙ୍କୁ ସ୍ୱାଗତ କରିଥିଲେ।

ଶେଷଦେବ ୨୦୦୭ ରେ ପ୍ରଥମେ ବିହାର ରେଜିମେଣ୍ଟରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ବିହାର, ସିଆଚିନ ସୀମା, ରାଞ୍ଚି, ପଞ୍ଜାବ ପଠାନକୋଟ, ଜମ୍ମୁ କାଶ୍ମୀର, ହିମାଚଳ ବାକ୍ଲୋ, ସିକ୍କିମ୍, ରାଜସ୍ଥାନ, ଜୟପୁର ଭଳି ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ଜମ୍ମୁ କାଶ୍ମୀର ସୀମାରେ କାର୍ଯ୍ୟରତ ଥିବା ସମୟରେ ସେ ପାକିସ୍ତାନ ବିରୋଧୀ ସେନଙ୍କ ସହିତ ୨୦୧୩ ଓ ୨୦୧୪ରେ ଯୁଦ୍ଧରେ ସାମିଲ ହୋଇଥିଲେ। ସେନା ପକ୍ଷରୁ ୯ ଥର ପୁରସ୍କାର ଓ ସମ୍ମାନିତ ହୋଇଛନ୍ତି।

# କିଶୋର ପଟେଲଙ୍କ ଉପରେ କଂଗ୍ରେସର ପୁଣି ଭରସା



**ବ୍ରଜରାଜନଗର, ୨।୪ (ସମିସ):** ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ କଂଗ୍ରେସ କିଶୋର ପଟେଲଙ୍କ ଉପରେ ପୁଣି ଭରସା କରିଛି। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପୁରୁଖା ନେତା କିଶୋରଙ୍କୁ ବିଶ୍ୱାସ କରି ଦଳ ଟିକେଟ ଦିଆଯାଇଛି। ଏଥର ପୁରା ଦମରେ ରହିଥିବା ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଟିକଟ ଘୋଷଣା ପରେ କିଶୋରଙ୍କୁ କାଳିମନ୍ଦିରଠାରେ ଥିବା କଂଗ୍ରେସ କାର୍ଯ୍ୟାଳୟରେ ଫୁଲମାଳ ଓ ମିଠା ଖୁଆଇ କର୍ମୀ ସ୍ୱାଗତ କରିଛନ୍ତି।

## ଜାତୀୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ବେଲପାହାଡ଼ ପ୍ରତିଯୋଗୀଙ୍କ ସଫଳତା

# ଅକ୍ଷିତାଙ୍କ କାଂସ୍ୟ ପଦକ ହାସଲ

**ଝାରସୁଗୁଡ଼ା, ୨।୪(ସମିସ):** ଜାମ୍ମୁ ବିଶ୍ୱ ବିଦ୍ୟାଳୟ ପରିସରରେ ମାର୍ଚ୍ଚ ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ୨୩ତମ ଉପ କନିଷ୍ଠ ଜାତୀୟସ୍ତରୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦଳରେ ମୋଟ ୩୯



ଜଣ ପ୍ରତିଯୋଗୀ ସାମିଲ ଥିଲେ। ସେଥିମଧ୍ୟରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ର ପ୍ରତିଯୋଗୀ ତଥା ଅକ୍ଷୟ ତ୍ରିପାଠୀଙ୍କ ଝିଅ ଅକ୍ଷିତା ତ୍ରିପାଠୀ ଛାନ କ୍ୱାନ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଅକ୍ଷିତା ଗତ ୨ ବର୍ଷ ହେଲାଣି ଉଷୁ କୋଚ୍ ନବୀନ ସିଂଙ୍କ ପାଖରେ ପ୍ରଶିକ୍ଷଣ ନେଇଆସୁଛନ୍ତି। ଏବେ ସେ ବେଲପାହାଡ଼ ଇଂରାଜୀ ମିଡିୟମ ସ୍କୁଲର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କୁ ଜିଲା ଉଷୁ ସଂଘର ସଭାପତି ବିଜୟ ବେହେରା, ଉପସଭାପତି ସୁଶାନ୍ତ ଗୁପ୍ତା, ସମ୍ପାଦକ ତଥା କୋଚ ନବୀନ ସିଂ, ଟିଆରଏଲ୍ କ୍ରୋସାକି ପିଆରଓ (ସିଏସଆର) ବିଭାଗର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବନ୍ଦ କୋଠରିରୁ ବୃଦ୍ଧଙ୍କ ଶବ ଉଦ୍ଧାର

**ଖପ୍ରାଖୋଲ, ୨।୪(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡ଼ା ଗ୍ରାମର ଛତ୍ରପାଲ ମଲ୍ଲିକ (୬୮)ଙ୍କ ଗଳିତ ମୃତଦେହ ବନ୍ଦ କୋଠରୀରୁ ପୁଲିସ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଥିବା ଜଣାପଡ଼ିଛି। ସୂଚନାଅନୁଯାୟୀ, ଛତ୍ରପାଲ ପୁଅ କେଶନ ମଲ୍ଲିକଙ୍କ ଘରେ ରହିବା ବଦଳରେ ବର୍ଷେ ହେବ ଗୋଟିଏ ଘରେ ଏକା ରହି ଆସୁଥିଲେ। କିଛିଦିନ ତଳେ ଛତ୍ରପାଲ ଓ ଗ୍ରାମର କିଛି ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ସେ ଗ୍ରାମରୁ ୩ ଦିନ ହେବ ନିଖୋଜ ହେବାସହ ସେ ରହୁଥିବା ଘର ବାହାରୁ ତାଲା ପଡ଼ିଥିଲା। ଘର ଭିତରୁ ଶବ ପଚିଥିବା ଭଳି ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ତାଙ୍କ ପୁଅ କେଶନ ଓ ଖପ୍ରାଖୋଲ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳକୁ ପୁଲିସ ପହଞ୍ଚି କେଶନଙ୍କ ଉପସ୍ଥିତିରେ ତାଲା ଭାଙ୍ଗି ଛତ୍ରପାଲଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ତାଙ୍କ ମୁଣ୍ଡପଟୁ ରକ୍ତସ୍ରାବ ଦେଖି ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରି ଖପ୍ରାଖୋଲ ପୁଲିସ ଦୁଇଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ଏକ ହତ୍ୟା ମାମଲା ରୁଜୁ କରି ଶବର ପଞ୍ଚାନାମା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

# କୁଡାନାଳି ଗ୍ରାମରେ ଘରକୁ ଘର ପ୍ରଚାର ଅଭିଯାନ



**ଦେବଗଡ଼, ୨।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ସୃଷ୍ଟି ଲକ୍ଷ୍ୟ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଛେପଲିପାଲି ପଞ୍ଚାୟତ କୁଡାନାଳି ଗ୍ରାମରେ ଘରକୁ ଘର ପ୍ରଚାର କରାଯାଇଛି। ଅପରାହ୍ନରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମରାମ୍ବଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କମିଟିର ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ କୁଡାନାଳୀ ଗ୍ରାମରେ ଘରକୁ ଘର ବୁଲି ଦଳୀୟ ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଶ୍ରୀତମ ସାହୁ, ଅଲେଖ ନାଏକ, ଦେବେନ୍ଦ୍ର ଗଡ଼ନାୟକ, ନାଥ ଜାଲ ଓ ଜଗବନ୍ଧୁ ଷଣ୍ଢ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ଅଂଶୁଘାତରେ ବୃଦ୍ଧ ମୃତ

**ମ.ରାମପୁର, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ନୁନପୁର ଗ୍ରାମ ପଞ୍ଚାୟତ ଅଧୀନ ବଗବେଡା ଗ୍ରାମର ଜଣେ ବୃଦ୍ଧ ଅଂଶୁଘାତରେ ମୃତ୍ୟୁବରଣ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଅଖିଳ ରାଉତ (୬୧) ସୋମବାର ମଧ୍ୟାହ୍ନରେ ମହୁଲ ଗୋଟାଇବାକୁ ଯାଇଥିଲେ। ସେଠାରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ତାଙ୍କର ମୃତ୍ୟୁ ହେଇଥିଲା। ଡାକ୍ତରୀ ରିପୋର୍ଟ ଅନୁସାରେ ଅଂଶୁଘାତ ଜନିତ ମୃତ୍ୟୁ ଦର୍ଶାଯାଇଥିବା ବେଳେ ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏଠାରେ ସୂଚନା ଥାଉ କି, ଗତ କିଛି ଦିନ ହେଲା ମ.ରାମପୁର ଅଞ୍ଚଳରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଛି ଏବଂ ଆଜି ତାପମାତ୍ରା ୪୫ ଡିଗ୍ରୀ ଛୁଇଁଥିବା ଜଣା ପଡ଼ିଛି।

# ବାଇକ୍ ଓ ଗଞ୍ଜେଇ ଜବତ, ଚାଲାଣକାରୀ ଫେରାର

**ତୁଷୁରା, ୨।୪(ସମିସ):** ତୁଷୁରା ଅବକାରୀ ବିଭାଗ ତରଫରୁ ୧୯ କେଜି ୫୦୦ ଗ୍ରାମ ଗଞ୍ଜେଇ ସହିତ ଏକ ନମ୍ବର ବିହୀନ ବାଇକ ଜବତ କରାଯାଇଛି। ସୂଚନାନୁଯାୟୀ, ମଙ୍ଗଳବାର ତୁଷୁରା ଥାନା ଅନ୍ତର୍ଗତ ନୂଆଁପଡ଼ା ରାସ୍ତାରେ ଜଣେ ଯୁବକ ଗଞ୍ଜେଇ ଧରି ବାଇକରେ ଯାଉଥିବା ସମୟରେ ତୁଷୁରା ଅବକାରୀ ବିଭାଗ ଚଢ଼ଉ କରିଥିଲା। ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ଗଞ୍ଜେଇ ଚୋରାଚାଲାଣ କରୁଥିବା ବ୍ୟକ୍ତି ଜଣକ ବାଇକ ଓ ଗଞ୍ଜେଇ ଛାଡ଼ି ଫେରାର ମାରିଥିଲା। ବାଇକ୍ ଓ ଗଞ୍ଜେଇ ଜବତ କରି ଅବକାରୀ ବିଭାଗ ପକ୍ଷରୁ ସେହି ବ୍ୟକ୍ତିଙ୍କୁ ଖୋଜିବା ପାଇଁ ବଲାଙ୍ଗିର ଆରଟିଓ ଅଫିସର ସାହାରା ନେଇଥିବାବେଳେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ଅବକାରୀ ବିଭାଗ ଓଆଇସି ଶ୍ରୀକାନ୍ତ ଜେନା ସୂଚନା ଦେଇଛନ୍ତି।



# ବିଜେଡିରେ ମିଶିଲେ ୩୦୦ ବିଜେପି କର୍ମୀ

**ଝାରସୁଗୁଡ଼ା, ୨।୪(ସମିସ)**

ସ୍ଥାନୀୟ ଏକ ହୋଟେଲରେ ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବକୁ ଜିଲ୍ଲା ସଭାପତି ରବି ସିଂ ପରିଚାଳନା କରିଥିଲେ। ବିଧାୟିକା ଦିପାଳୀ ଦାସ ଓ ଜିଲ୍ଲା ପରିଷଦ ଦିଗାମ୍ବର ଭୋଇ, ବ୍ଲକ ଅଧ୍ୟକ୍ଷ ଚିତ୍ରାଣି ପଟେଲ, ଝାରସୁଗୁଡ଼ା ବ୍ଲକ ସଭାପତି ଦାମୋଦର ନାଥ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଛବି ତଥା ସ୍ୱର୍ଗତ ନବ ଦାସଙ୍କ ଝାରସୁଗୁଡ଼ା ଜିଲ୍ଲା ନୂତନ ନିର୍ମାଣ ଓ ବର୍ତ୍ତମାନ ବିଧାୟିକା ଦୀପାଳୀଙ୍କ ୮ ମାସର ଉନ୍ନତି ମୂଳକ କାର୍ଯ୍ୟରେ ପ୍ରେରିତ ହୋଇ ୩ ଶହରୁ ଅଧିକ ବିଜେପି କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପତ୍ରାପାଲି, ମଲଦା, ବଡମାଲ, ଯମେରା, ଏଚ୍ କଟାପାଲି ଓ ମରାକୁଟା ପଞ୍ଚାୟତର ଲୋକେ ବିଜେଡିରେ ମିଶିଛନ୍ତି। ତେଜରାଜ ଲୁହା, ଦୁତିଆନନ୍ଦ ପଟେଲ, ବିନୋଦ ପଟେଲ, ଲୋକେଶ୍ୱର୍ ପଟେଲ, ଲିକେସ ମରାଇ, ବାବଲୁ ରନା କଣ୍ଡାପାଲି ପଞ୍ଚାୟତରୁ, ସୁନିଲ ପ୍ରଧାନ ବଡ଼ମାଲ ପଞ୍ଚାୟତରୁ ତପନ ତାଣ୍ଡିଆ, ସୁଧୀର ସିଂହ ଜମେରା ପଞ୍ଚାୟତରୁ ପ୍ରଫୁଲ୍ଲ ପ୍ରଧାନ, ଅଜୟ ବାରିକ, ଭଗବାନ ସାହୁ, କମଲ ଅଗରୱାଲ ବୁଢ଼ୀପତର ପଞ୍ଚାୟତରୁ ଶତାଧିକ ବ୍ୟକ୍ତି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ସମସ୍ତଙ୍କୁ ବିଧାୟିକା ଦଳକୁ ସ୍ୱାଗତ କରିଥିଲେ। ବିଶ୍ୱନାଥ ତ୍ରିପାଠୀ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ସମୀର ପ୍ରଧାନ, କ୍ଷମା ପ୍ରଧାନ, ଚୂଡ଼ାମଣି ବଡେଇ ପମୁଖ ଉପସ୍ଥିତ ଥିଲେ।



# ଉତ୍କଳମଣି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



**ଝାରସୁଗୁଡ଼ା, ୨।୪(ସମିସ):** ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟ ଓ ଟିଆରଏଲ କ୍ରୋସାକି କମ୍ପାନୀର ସିଏସଆର ବିଭାଗର ମିଳିତ ଆନୁକୂଲ୍ୟରେ ଏହା ପରିଚାଳିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଶିକ୍ଷକ ପଣ୍ଡିତ ରଘୁନାଥ ନାୟକ ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ, ଓଡ଼ଶାକୁ ସ୍ୱତନ୍ତ୍ର ରାଜ୍ୟ ଗଠନରେ ମହାପୁରୁଷଙ୍କ ଭୂମିକା, ଏହାର ଗୌରବ, ଭବିଷ୍ୟତ, ଇତିହାସ, ଓଡ଼ିଆ ଭାଷାର ଉତ୍ପତି ସମ୍ପର୍କରେ ଆଲୋକପାତ କରାଯାଇଛି। ଓଡ଼ିଶା ରାଜ୍ୟ ଗଠନରେ ପାରଳାଖେମୁଣ୍ଡି ରାଜାଙ୍କ ଭୂମିକାକୁ ନେଇ ଡ. ସୁବାସ ପ୍ରଧାନ ଆଲୋକପାତ କରିଥିଲେ। ଟିଆରଏଲ କ୍ରୋସାକି ସିଏସଆର ବିଭାଗର ବରିଷ୍ଠ ଅଧିକାରୀ ଶଶାଙ୍କ ଦୀକ୍ଷିତ ପରିଚାଳନା କରିଥିବା ବେଳେ ଦୀପକ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦେବେନ୍ଦ୍ର ବେହେରା, ତେଜରାମ ସା, ରାଜେଶ ମହାପାତ୍ର, ସରୋଜ ସାହୁ, ସାମ୍ବିଦିକ ଡ. ସୁବାସ ପ୍ରଧାନ, ରଶ୍ମିରଞ୍ଜନ ମହାନ୍ତି, ସରୋଜ ମିର୍ଦ୍ଧା, ମନୋଜ ମେହେର, ସିଏସଆର କର୍ମଚାରୀ ସରୋଜ ମେହେର ପ୍ରମୁଖ ସାମିଲ ଥିଲେ।

# ମୁଣ୍ଡାପଡ଼ା ସ୍କୁଲ୍ | ଉଦ୍‌ଘାଟନର ୧୧ ମାସ ପରେ ବି ଅଧପନ୍ତରିଆ

**ଜହ୍ନାପଙ୍କ, ୨।୪(ସମିସ)**

ରାଜ୍ୟ ସରକାର ଘରୋଇ ସ୍କୁଲ ପରି ସରକାରୀ ସ୍କୁଲକୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରିଛନ୍ତି; କିନ୍ତୁ ଏହି ସ୍କୁଲର ରୂପାନ୍ତରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଏହା ସହିତ କାର୍ଯ୍ୟ ଅତି ନିମ୍ନମାନର ଓ ଅଧାପନ୍ତରିଆ ହୋଇଥିବା ସ୍ଥାନୀୟ ପରିଚାଳନା କମିଟିର ସଭ୍ୟ ଅଭିଯୋଗ କରଛନ୍ତି। ଏହାକୁ ଶିକ୍ଷକମାନେ ମଧ୍ୟ ସ୍ୱୀକାର କରିଛନ୍ତି। ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଉଚ୍ଚ ବିଦ୍ୟାଳୟରୁ ଏଭଳି ଏକ ଅଭିଯୋଗ ଆସିଛି। ତେବେ ରୂପାନ୍ତରିତ କାମ ୨୦୨୩ ମେ ୬ ତାରିଖରେ ଉଦ୍‌ଘାଟନ ହୋଇଛି। ୧୧ ମାସ ବିତି ଯାଇଥିବା ବେଳେ ଏହି ଉଚ୍ଚ ବିଦ୍ୟାଳୟର ଅନେକ କାମ ଏବେ ବି ଅଧାପନ୍ତରିଆ ହୋଇ ପଡ଼ିଛି।

ବ୍ଲକରୁ ୪୫ ଲକ୍ଷ ଓ ପଞ୍ଚାୟତରୁ ମନରେଗା ଯୋଜନାରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ବାଳକ ବାଳିକା ଶୌଚାଳୟ, ପାର୍କ ନିର୍ମାଣ, ମାଟି ସମତୁଲ, ଫୁଲ ବଗିଚା ଓ ସାଇକଲ ଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲା। ତେବେ ବ୍ଲକରୁ ଆସିଥିବା ୪୫ ଲକ୍ଷ ଟଙ୍କାରେ ସ୍ମାର୍ଟ କ୍ଲାସରୁମ୍, ଇ ଲାଇବ୍ରେରି, ସିସିଟିଭି କେମେରା ଲଗାବା, କୋଠରିରେ ଟାଇଲ ଲଗାଇବା, ଜଳ ଯୋଗାଣ ପାଇଁ ପମ୍ପ ଓ ସୋଲାର ସିଷ୍ଟମ ପାଇଁ ବିନିଯୋଗ ହୋଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ବାଳିକା ଓ ବାଳକ ଶୌଚାଳୟ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଜଳ ଯୋଗାଣ ହୋଇ ନ ଥିବାରୁ ବ୍ୟବହାର ଉପଯୋଗୀ ହୋଇ ପାରିନି। ସ୍କୁଲ ପରିସର ବାହାରେ ଛାତ୍ରଛାତ୍ରୀ ପରିଶ୍ରା କରିବା ସହିତ ପାଣି ପାଇଁ ବାହାରକୁ ଯାଉଛନ୍ତି। ସେହିଭଳି ସାଇକଲ ଷ୍ଟାଣ୍ଡ ନ ଥିବାରୁ ଛାତ୍ରଛାତ୍ରୀ ବାହାରେ ଖୋଲା ପଡ଼ିଆରେ ସାଇକଲ ରଖୁଛନ୍ତି। ଏହା ଫଳରେ ଖରା ଯୋଗୁଁ ସାଇକଲରୁ ପମ୍ପ ପଳାଇ ଯାଉଥିବାରୁ ଛୁଟି ପରେ ଘରକୁ ଯିବା ବେଳେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅନୁଦାନରେ ପୂର୍ବରୁ ହୋଇଥିବା ବାଳକ ବାଳିକାଙ୍କ ପାଇଁ ଶୌଚାଳୟର ଟାଙ୍କିକୁ ଠିକାଦାର ଭାଙ୍ଗିଦେବାରୁ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନିର୍ମାଣ କାମ କରିବା ବେଳେ ପଡ଼ିଆ ମଧ୍ୟ ଦେଇ ନିର୍ମାଣ ସାମଗ୍ରୀ ଆଣିବା ଦ୍ୱାରା ପଡ଼ିଆ ଅସମତଳ ଯୋଗୁଁ ଖେଳ ଅନୁପଯୋଗୀ ହୋଇ ଅନାବନା ତୃଣରେ ପରିପୂର୍ଣ୍ଣ ହୋଇଯାଇଛି। ଏଣୁ ସରୀସୃପଙ୍କ ବାସସ୍ଥଳ ପାଲଟିଛି। ତେବେ ମନରେଗା ଯୋଜନାରେ ପାର୍କ ଓ ମାଟି ସମତୁଲ କରାଯାଇଛି; କିନ୍ତୁ ଏଥିରେ ଜଣେ ବି ଶ୍ରମିକ କାମ କରି ନାହାନ୍ତି। ଜେସିବି ଓ ଟ୍ରାକ୍ଟର ଯୋଗେ କାମ କରାଯାଇଛି। ଶ୍ରମିକଙ୍କ ନାମରେ କିନ୍ତୁ ମିଛ ମୋଷ୍ଟର ରୋଲ୍ ପ୍ରସ୍ତୁତ କରାଯାଇ ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ନିର୍ମାଣ ସାମଗ୍ରୀ ସ୍କୁଲ ପରିସରରେ ଏଣେତେଣେ ପଡ଼ି ରହିଛି। ୨୦୨୩ ଅଗଷ୍ଟରେ ପିଟିଏ ବୈଠକରେ ସପ୍ତାହେ ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ପ୍ରତିଶ୍ରୁତି ମିଳିଥିଲା। ୮ ମାସ ବିତିଯାଇଥିଲେ ସୁଦ୍ଧା ଯଥା ପୂର୍ବମ୍ ତଥା ପରମ୍ ସ୍ଥିତି ରହିଛି। ଖେଳ ପାଇଁ ପଡ଼ିଆ ଅନୁପଯୁକ୍ତ ହୋଇଥିବାରୁ ଖେଳ ପାଇଁ ପଞ୍ଚାୟତ ପଡ଼ିଆକୁ ଛାତ୍ରଛାତ୍ରୀଙ୍କୁ ନେବାକୁ ପଡୁଥିବା ଖେଳ ଶିକ୍ଷକ କହନ୍ତି। ତେବେ ଏ ନେଇ ଯନ୍ତ୍ରୀ ପରେଶ୍ ବେହେରାଙ୍କୁ ଯୋଗାଯୋଗ କରିବାରୁ ଶୌଚାଳୟ ପାଇଁ ଯାହା ଅର୍ଥ ଥିଲା ଶେଷ ହୋଇଛି। ବର୍ତ୍ତମାନ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୧୦ ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରାଯିବ। ଏହା ସହିତ ଫୁଲ ବଗିଚା ଓ ପାର୍କର ରକ୍ଷଣା ବେକ୍ଷଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି।

ଏ ନେଇ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଗତ ପିଟିଏମ୍ ବୈଠକରେ ସମ୍ପୃକ୍ତ ଠିକାଦାର ୧୦/୧୨ ଦିନ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ କହିଥିଲେ ବୋଲି ପ୍ରକାଶ କରିଛନ୍ତି; ହେଲେ ଅବଧି ସରିଥିଲେ ମଧ୍ୟ କାମ କରି ନାହାନ୍ତି। ନିର୍ମାଣ ସାମଗ୍ରୀ ରହିଥିବାରୁ ୨ଟି କୋଠରି ବ୍ୟବହାର ଉପଯୋଗୀ ହେଉନାହିଁ ବୋଲି କହିଛନ୍ତି।






**ଅସମ୍ପୂର୍ଣ୍ଣ ଅବସ୍ଥାରେ ଶୌଚାଳୟ**

**ଖେଳପଡ଼ିଆ, ପାର୍କ ରକ୍ଷଣାବେକ୍ଷଣ ଅଭାବ**

## ଦୟନୀୟ ଅବସ୍ଥାରେ ଠାକୁରପୁର ରାସ୍ତା



**ସୁବଳୟା, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପିତମହୁଲ ପଞ୍ଚାୟତ ଠାକୁରପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ବିପଦପୂର୍ଣ୍ଣ ତଥା ଦୟନୀୟ ହୋଇପଡ଼ିଛି। ଏହି ରାସ୍ତା ବୀରମହାରାପୁର-କଦଳୀଗଡ଼ ମୁଖ୍ୟ ରାସ୍ତାଠାରୁ ଠାକୁରପୁର ଦେଇ ଅନୁଗୋଳ ଜିଲ୍ଲା କିଆକଟା ପଞ୍ଚାୟତ ଶଙ୍ଖମାଳ ଗ୍ରାମ ଦେଇ ବୌଦ୍ଧ ଓ ଆଠମଲ୍ଲିକକୁ ସଂଯୋଗ କରିଥାଏ। ଏହି ରାସ୍ତାରେ ଲୋକେ ଛୋଟ ବଡ ଦୁର୍ଘଟଣା ଶିକାର ହେଉଛନ୍ତି। ଠାକୁରପୁର ଓ ଶଙ୍ଖମାଳ ମଧ୍ୟରେ ଥିବା କେରଣ୍ଡିଯୋର ପୋଲ ଉପରେ ୨୦୨୧ରେ ବିଜୁ ସେତୁ ଯୋଜନାରେ ୭ କୋଟି ୪୬ ଲକ୍ଷ ୯୪ହଜାର ଟଙ୍କା ବ୍ୟୟରେ ସେତୁ ନିର୍ମାଣ ହୋଇଛି; କିନ୍ତୁ ସେତୁର ଉଭୟ ପାର୍ଶ୍ୱ ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ଉପରେ ସ୍ଥାନୀୟ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ।

ଠାକୁରପୁର ରାସ୍ତା ଓ ଶଙ୍ଖମାଳରୁ ସେତୁ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଠାକୁରପୁର ରାସ୍ତା କାଦୁଅ ପଚ୍ ପଚ୍ ହୋଇଥିବାବେଳେ ଶଙ୍ଖମାଳରୁ ସେତୁ ପର୍ଯ୍ୟନ୍ତ ରାସ୍ତା ମେଟାଲ ବାହାରି ପଡ଼ିଛି। ଏହି ରାସ୍ତା ଦେଇ ଡୁଲେଶ୍ୱର ହାଇସ୍କୁଲକୁ ଛାତ୍ରଛାତ୍ରୀ ପାଠ ପଢ଼ି ଯାଉଥିବା ବେଳେ ଶହ ଶହ ଲୋକ ଯିବା ଆସିବା କରୁଛନ୍ତି। ସାମାନ୍ୟ ବର୍ଷାରେ ମଧ୍ୟ ରାସ୍ତାଟି କାଦୁଅ ହୋଇ ଯାଉଥିବାରୁ ଛାତ୍ରଛାତ୍ରୀ, ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଦୁର୍ଘଟଣାରେ ଯୁବ ଓକିଲଙ୍କ ମୃତ୍ୟୁ

**ବୌଦ୍ଧ, ୨।୪(ସମିସ):** ବୌଦ୍ଧ ଏନ୍‌ଏସି କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍ ଡ୍ରେନ୍ ବାଡାକୁ ଧକ୍କା ଦେଇଛି। ଏଣୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯୁବ ଓକିଲ ସୋମେଶ ଦତ୍ତ ବିଶ୍ୱାଳ।

କୋର୍ଟ କାମ ସାରି ସେ ଥାନା କଲୋନୀକୁ ଫେରୁଥିଲାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାପରେ ଶ୍ରୀ ବିଶ୍ୱାଳ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ଏହି ସମୟରେ ସେହି ରାସ୍ତାରେ ଆସୁଥିବା ଉପଖଣ୍ଡ ପୁଲିସ ଅଧିକାରୀ କୁଲଦୀପ ମୀନା ଲୋକଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ବୌଦ୍ଧ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଶ୍ରୀ ବିଶ୍ୱାଳଙ୍କ ପତ୍ନୀ ବୌଦ୍ଧ ଥାନାରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଅଛନ୍ତି।

## ବୀରମହାରାଜପୁରରେ ରାଜନୈତିକ ଉଷ୍ମତା

**ବୀରମହାରାଜପୁର, ୨।୪(ସମିସ):** ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ବର୍ଗ ପାଇଁ ଉଦ୍ଦିଷ୍ଟ। କ୍ରମାଗତ ଭାବରେ ପଦ୍ମନାଭ ବେହେରା ଏଠାରୁ ୩ ଥର ହେଲା ବହୁ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଆସୁଛନ୍ତି। ତେବେ ୨୦୨୪ ନିର୍ବାଚନ ଲାଗି ବିଜେପି ବିଧାୟକ ପାର୍ଥି ଭାବେ ରଘୁନାଥ ଜଗଦଲାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଶ୍ରୀ ଜଗଦଲା ୨୦୧୯ ରେ ବିଜେପି ଟିକେଟ ପାଇ ଲଢେଇ କରିଥିବାବେଳେ ପୁଣି ଥରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକଟ ଦେଇଛି। ବିଜେପି ଟିକଟ ଲବିରେ ଥିବା ତଥା ୨୦୧୪ରେ ଏଠାରୁ ପ୍ରାର୍ଥୀ ହୋଇଥିବା ଆନନ୍ଦ ବାରିକ ଏବଂ ଯୁବନେତା ଆଶ୍ରୟ ମହାନନ୍ଦଙ୍କୁ ନିରାଶ ହେବାକୁ ପଡ଼ିଛି। ଟିକେଟ ଘୋଷଣା ହୋଇ ନ ଥିଲେ ମଧ୍ୟ ବିଜେଡିରୁ ପୂର୍ବତନ ମନ୍ତ୍ରୀ ବର୍ତ୍ତମାନର ବିଧାୟକ ପଦ୍ମନାଭ ବେହେରା ଟିକଟ ପାଇବାର ଏକ ପ୍ରକାର ନିଶ୍ଚିତ। କଂଗ୍ରେସରୁ ପୂର୍ବତନ ବିଧାୟକ ଗତ ଥରର ପ୍ରାର୍ଥୀ ବିନୋଦ ପାତ୍ର ଲବିରେ ଆଗରେ ଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସେଠୀ ମଧ୍ୟ ଟିକଟ ଆଶାୟୀ ଅଛନ୍ତି।

## ବିନିକା ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲିଲା

**ବିନିକା, ୨।୪(ସମିସ):** ଦିନକୁ ଦିନ ଖରାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଲୋକଙ୍କୁ ଚାହିଦା ମୁତାବକ ପାଣି ଯୋଗାଇ ଦେବା ପାଇଁ ମଙ୍ଗଳବାର ବିନିକା ଏନଏସି ତରଫରୁ ୬ଟି ସ୍ଥାନରେ ଜଳଛତ୍ର ଖୋଲା ଯାଇଛି। ଉଲ୍ଲେ ଚୌକିଜୋର୍ ଛକ, ଏସବିଆଇ ବ୍ୟାଙ୍କ ସମ୍ମୁଖ, ତହସିଲ ଛକ, କଲେଜ ଛକ, ଡଭଲା ଛକ, ମହାନଦୀ ବ୍ରିଜ ଛକ, ଦୈନନ୍ଦିନ ବଜାର ଆଦି ସ୍ଥାନରେ ଜଳଛତ୍ର ଆରମ୍ଭ ହୋଇଛି। ଏନ୍‌ଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଜଳଛତ୍ରଗୁଡ଼ିକର ଶୁଭାରମ୍ଭ କରିଥିଲେ।

## ପୁରୁଣା ଡିଏଚ୍‌ଏଚ୍‌ରେ ରୋଗୀ ସେବା ଆରମ୍ଭ




**ସୋନପୁର, ୨।୪(ସମିସ):** ଏପ୍ରିଲ୍ ୧ ଜିଲ୍ଲା ଗଠନ ଦିବସ ଜିଲ୍ଲାବାସୀଙ୍କ ପାଇଁ ଏକ ଖୁସି ଖବର ଆଣିଛି। ବନ୍ଦ ହୋଇ ପଡ଼ିଥିବା ପୁରୁଣା ଜିଲ୍ଲା ଡାକ୍ତରଖାନାରେ ପୁଣି ରୋଗୀ ସେବା ଶୁଭାରମ୍ଭ କରାଯାଇଛି। ଏଠାରେ ୨୪ ଘଣ୍ଟିଆ ଓପିଡି ସେବା ଆରମ୍ଭ ହୋଇଛି। ଏହା ଅର୍ବାନ୍ ହେଲ୍‌ଥ ୱେଲ୍‌ନେସ୍ ସେଣ୍ଟର ଭାବେ ଘୋଷଣା କରାଯାଇଛି। ପୂର୍ବଭଳି ଏଠାରେ ଲାବରୋଟାରୀ ଖୋଲା ଯାଇଛି। ଜରୁରୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପୁରୁଣା ଡିଏଚ୍‌ଏଚ୍‌ରେ ୪ଟି ଶଯ୍ୟା ରଖାଯାଇଛି। ଏହି କୋଠାରେ ଫିଜିଓଥେରାପି ଏବଂ ଯୋଗ ସେବା ବ୍ୟବସ୍ଥା ମଧ୍ୟ ରହିଛି।

## ପ୍ରମୋଦ ମହାପାତ୍ର, ରଘୁ ଜଗଦଲାଙ୍କୁ ବିଜେପି ଟିକଟ

## ଅସନ୍ତୁଷ୍ଟଙ୍କୁ ବୁଝାଇବା ଦଳ ପାଇଁ ଚ୍ୟାଲେଞ୍ଜ

**ସୋନପୁର, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଦୁଇ ବିଧାନସଭା କ୍ଷେତ୍ର ପାଇଁ ବିଜେପି ଟିକଟ ବଣ୍ଟନ କରିଛି। ସୋନପୁର ବିଧାନସଭା ନିର୍ବାଚନ ପାଇଁ ବିଜେପି ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ରଙ୍କୁ ଦଳ ଟିକଟ ପ୍ରଦାନ କରିଛି। ସେହିପରି ବୀରମହାରାଜପୁର(ସଂ) ବିଧାନସଭା କ୍ଷେତ୍ର ପାଇଁ ରଘୁନାଥ ଜଗଦଲାଙ୍କୁ ବିଜେପି ଟିକଟ ଦେଇଛି। ତେବେ ଟିକଟ ପ୍ରଦାନ ପରେ ଦଳରେ ଥିବା ଅସନ୍ତୁଷ୍ଟ ଆଶାୟୀ ପ୍ରାର୍ଥୀଙ୍କୁ ଦଳ କିଭଳି ବୁଝାଇବ ତାହା ବଡ ଚ୍ୟାଲେଞ୍ଜ। ଉଭୟ କ୍ଷେତ୍ର ପାଇଁ ଆଶାୟୀ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆକଳନ କରାଯାଉଛି। ସୋନପୁର ବିଧାନସଭା କ୍ଷେତ୍ର ପାଇଁ ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀ ହୋଇଥିବା ଅଶୋକ ପୂଜାରୀ, ନବକୃଷ୍ଣ ଦନ୍ତା ତଥା ପୂର୍ବତନ ଜିଲ୍ଲା ସଭାପତି ବଳଦେବ ବେଦବାକ ଆଶାୟୀ ଥିଲେ। ବଳଦେବ ଭୁବନେଶ୍ୱର ଯାଇ ରାଜ୍ୟ ତଥା କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ଭେଟିଥିଲେ। ସୋନପୁରରେ ପ୍ରାର୍ଥୀ ହେବା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଆବେଦନ କରିଥିଲେ। ସେହିପରି ବୀରମହାରାଜପୁର ଆସନ ପାଇଁ ଦଳର ବରିଷ୍ଠ ନେତା ଆନନ୍ଦ ବାରିକଙ୍କୁ ଟିକଟ ମିଳିବ ବୋଲି ଚାରିଆଡେ ଚର୍ଚ୍ଚା ହେଉଥିଲା। ଟିକଟ ଆଶାରେ ଆନନ୍ଦ ବୀରମହାରାଜପୁର ବିଧାନସଭା କ୍ଷେତ୍ରର ଗାଁ ଗାଁ ବୁଲି ସଂଗଠନ କରିଥିଲେ। ତାଙ୍କୁ ଟିକଟ ନ ମିଳିବାରୁ ନିଶ୍ଚୟ ଅସନ୍ତୁଷ୍ଟ ଥିବେ। ତେଣୁ ଏହି ଅସନ୍ତୁଷ୍ଟ ନେତାଙ୍କ ମାନ ଭଞ୍ଜନ କରିବା ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଅନ୍ୟଥା ଏହାର ପ୍ରଭାବ ବଲାଙ୍ଗିର ସଂସଦୀୟ କ୍ଷେତ୍ରର ନିର୍ବାଚନ ଉପରେ ମଧ୍ୟ ପଡ଼ିପାରେ ବୋଲି ଚିନ୍ତା କରାଯାଉଛି।

## ଚୈତ୍ର ମଙ୍ଗଳବାରରେ ମା'ଙ୍କ ସ୍ୱତନ୍ତ୍ର ବେଶ

**ସୋନପୁର, ୨।୪ (ସମିସ):** ଚୈତ୍ର ମଙ୍ଗଳବାର ଅବସରରେ ଅଷ୍ଟଚଣ୍ଡୀଙ୍କ ପୀଠ ସୁବର୍ଣ୍ଣପୁରର ବିଭିନ୍ନ ଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା ରୀତି ଅନୁଷ୍ଠିତ ହେଉଛି। ଆକର୍ଷଣୀୟ ବେଶ ଭୂଷାରେ ମାଙ୍କୁ ସଜ୍ଜିତ କରାଯାଉଛି। ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀ, ଭଗବତୀ, ମାଣିକେଶ୍ୱରୀ, ଦୁର୍ଗା ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ଲାଗିଛି। ମା ସୁରେଶ୍ୱରୀଙ୍କ ମନ୍ଦିରରେ ମାଙ୍କ ଚୈତ୍ର ପୂଜା ରୀତି ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସାରା ଦିନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା।



## ରୁଷୁଡ଼ା ପଞ୍ଚାୟତରେ ନୂତନ ଜିପିଇଓଙ୍କୁ ସ୍ୱାଗତ

**ଡୁଷୁରା, ୨।୪(ସମିସ):** ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ରୁଷୁଡ଼ା ପଞ୍ଚାୟତରେ ମଙ୍ଗଳବାର ୪ ଜଣ ନୂତନ ଜିପିଇଓଙ୍କୁ ନିଯୁକ୍ତି ମିଳିଛି। ଫଳରେ ରୁଷୁଡ଼ା ପଞ୍ଚାୟତ ସଭାଗୃହରେ ଗୁଡ଼ଭେଲା ବ୍ଲକ ବିଡିଓ ସୌମ୍ୟକାନ୍ତା ବାଘୋଳାଙ୍କ ଉପସ୍ଥିତିରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଷୁଡ଼ା ପଞ୍ଚାୟତ ଇଓ ସୁମନ୍ତ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ସରପଞ୍ଚ କୈଳାସ ବେହାରା ସ୍ୱାଗତ ଭାଷଣ ଦେଇଥିଲେ। ନୂତନ ଜିପିଇଓମାନଙ୍କୁ ପଞ୍ଚାୟତବାସୀଙ୍କ ଉନ୍ନତି ପାଇଁ ନିର୍ଭୟରେ କାମ କରିବାପାଇଁ ବିଡିଓ ଉପଦେଶ ଦେଇଥିଲେ।

## ଖୋଲିଲାନି ଘୋଡ଼ାପୋଖରୀ ପ୍ରାଥମିକ ବିଦ୍ୟାଳୟ

**ଅନୁକୂଳ ହେଲାନି ଶିକ୍ଷାବର୍ଷ ଆରମ୍ଭ ଦିନ**

**ଲାଞ୍ଜିଗଡ଼, ୨।୪ (ସମିସ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପ୍ରିଲ ୨ରୁ ସକାଳ ୭ ଘଣ୍ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରାଥମିକ ସ୍କୁଲରେ ପାଠ ପଢ଼ା ହେବା ନେଇଁ ବିଜ୍ଞପ୍ତି ପ୍ରକାଶ କରଛନ୍ତି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପେଙ୍ଗଶ୍ରୁର କ୍ଲଷ୍ଟର ଘୋଡ଼ାପୋଖରୀ ପ୍ରାଥମିକ ବିଦ୍ୟାଳୟ କିନ୍ତୁ ମଙ୍ଗବାର ଖୋଲିନି। ଏହାକୁ ନେଇଁ ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ସିଆରସିସିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ତେବେ କେଉଁ କାରଣରୁ ବିଦ୍ୟାଳୟରେ ତାଲା ପଡ଼ିଥିଲା ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଲାଞ୍ଜିଗଡ଼ ଶିକ୍ଷା ଅଧିକାରୀଙ୍କୁ ଘୋଡ଼ାପୋଖରୀ ଗ୍ରାମବାସୀ ଗୁହାରି କରିଛନ୍ତି।




## ଅବ୍ୟବସ୍ଥାରେ ଚାଲିଛି ଡୁଷୁରା ଆହାର କେନ୍ଦ୍ର



**ଡୁଷୁରା, ୨।୪(ସମିସ):** ରାଜ୍ୟ ସରକାର ଗରିବମାନଙ୍କ ପେଟକୁ ଆହାର ଯୋଗାଇ ଦେବା ପାଇଁ ୫ ଟଙ୍କାରେ ପେଟପୁରା ଖାଇବାକୁ ଦେଉଛନ୍ତି। ସେଥିପାଇଁ ଗରିବ ଲୋକମାନେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରୁଛନ୍ତି। ହେଲେ ଡୁଷୁରା ସହର ଡାକ୍ତରଖାନା ଭିତରେ ଥିବା ଆହାର କେନ୍ଦ୍ର ଅବ୍ୟବସ୍ଥାରେ ଚାଲୁଥିଲେ ମଧ୍ୟ କେବେ ବି ପ୍ରଶାସନ ତରଫରୁ ଏହି କେନ୍ଦ୍ର ପରିଦର୍ଶନ କରାଯାଉନାହିଁ। ଏପରିକି ଆହାର କେନ୍ଦ୍ରର ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନିଆଯାଉନି। ଭିତରେ ହାତ ଧୋଇବା ପାଇଁ ଥିବା ବେସିନର ପାଇପ୍ ଜାମ ହୋଇଥିବାରୁ ମଇଳା ପାଣି ଯାଇପାରୁ ନାହିଁ। ଭିତର ତଳ ସମତୁଲ ନାହିଁ। ପାଣି ଢାଳି ସଫାକରିବା ସମୟରେ ମଇଳା ଜଳ ଆହାର କେନ୍ଦ୍ର ଭିତରେ ରହିଯାଉଛି। ଫଳରେ ଭିତରେ ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି।

## ଅନ୍ଧାରରେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି

**ବୌଦ୍ଧ, ୨।୪(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ସହରୀ ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଖର୍ଚ୍ଚ ହେଉଛି। ସହରର ବିଭିନ୍ନ ସ୍ଥାନରେ ରାଷ୍ଟ୍ର ପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି। ଏହାର ସୁରକ୍ଷା ପୌର ପରିଷଦ ଦାୟିତ୍ୱରେ ରହିଛି। ପବିତ୍ର ଓଡ଼ିଶା ଦିବସ ଅବସରରେ ସହରର ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ସହରର ପୁରୁଣା ବ୍ଲକ ଛକ ତଥା ବର୍ତ୍ତମାନର ନିର୍ମାଣାଧୀନ ନୂତନ ଡାକ୍ତରଖାନା ସାମ୍ନାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହାର ପଛ ପାଖରେ ଐତିହ୍ୟ ଗ୍ୟାଲେରୀ ମଧ୍ୟ ନିର୍ମାଣ କରାଯାଉଛି। ତେବେ ସନ୍ଧ୍ୟା ସମୟରେ ସହରର ବିଭିନ୍ନ ସ୍ଥାନ ଆଲୋକିକରଣରେ ଝଲସି ଉଠୁଥିବା ବେଳେ ସମଗ୍ର ବିଶ୍ୱରେ ଭାରତର ପରିଚୟ ସୃଷ୍ଟି କରିଥିବା ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତି ଅନ୍ଧାର ଘେରରେ ରହିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀକୁ ପ୍ରଶାସନ ଭୁଲିଯିବା ବିଷୟ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସନ୍ଧ୍ୟାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା।



## ଯବାନଙ୍କୁ ଗ୍ରାମବାସୀଙ୍କ ଭବ୍ୟ ସ୍ୱାଗତ

**ନୂଆପଡ଼ା/କୋମନା, ୨।୪(ସମିସ)**

କୋମନା ବ୍ଲକର ଶୁକ୍ଲିମୁଣ୍ଡି ଗ୍ରାମ ମଙ୍ଗଳବାର ଜଣେ ବୀର ଯବାନଙ୍କ ସ୍ୱାଗତରେ ଲୋକାରଣ୍ୟ ହୋଇ ପଡ଼ିଥିଲା। ଏହି ଗାଁର ସୁଦାମ ଚରଣ ଶବର ଦୀର୍ଘ ୧୭ବର୍ଷ ଧରି ସେନାରେ କାମ କରିବା ପରେ ଘରକୁ ଫେରିଛନ୍ତି। ସେ ଭାରତୀୟ ସେନା ବାହିନୀରେ ନିୟୋଜିତ ହୋଇ ଭାରତ-ପାକିସ୍ତାନ, ଚାଇନା ସୀମାନ୍ତରେ କାମ କରିବାର ସୁଯୋଗ ପାଇଛନ୍ତି। ଏହି ବୀର ଯବାନଙ୍କ ସ୍ୱାଗତରେ ତାଙ୍କ ଜନ୍ମମାଟି ଉତ୍ସବମୁଖର ହୋଇଥିଲା। ଶହ ଶହ ଗ୍ରାମବାସୀ ତାଙ୍କୁ ଗାଁ ଶେଷ ମୁଣ୍ଡରୁ ପୋଛୋଟି ଆଣିଥିଲେ। ସମସ୍ତେ ନିଜ ଘର ସାମ୍ନାରେ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିଥିଲେ। ବାଜା, ଗୀତରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମେଣ୍ଡାଟାଲ, ଶୁକ୍ଲିମୁଣ୍ଡି ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ଗାଁର ଯୁବକମାନଙ୍କୁ ସେନାରେ ଯୋଗଦେବା ପାଇଁ ତାଲିମ ପ୍ରଦାନ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଭିମ ଶବର ଓ ଉମାକାନ୍ତି ଶବରଙ୍କ ସୁପୁତ୍ର ସୁଦାମ ୨୦୦୭ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ପ୍ରଥମେ ବିହାର ରେଜିମେଣ୍ଟରେ ତାଲିମ ନେଇ ସେଠାରେ ନିୟୋଜିତ ହୋଇଥିଲେ। ପରେ ଝାରଖଣ୍ଡ, ମେଞ୍ଜୁକା, ହାଇଦ୍ରାବାଦ, ଡାନନ୍ଧର ଭଳି ସ୍ଥାନକୁ ତାଙ୍କର ବଦଳି ହୋଇଥିଲା। ୨୦୦୮ରେ ପାକସ୍ତାନ ସୈନ୍ୟ ଓ ୨୦୨୦ରେ ଚାଇନା ସୈନ୍ୟଙ୍କ ସହ ଲଢେଇ କରିଥିଲେ।

**୧୭ ବର୍ଷ ଦେଶ ସେବା କରି ଘରକୁ ଫେରିଲେ**



